ସାପ୍ତାହିକ
Postal Regd. No.: SBP/RN-01/2022-2024
# ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 17 | 28 April - 04 May 2024 | Sambalpur | Pages- 8 | Invitation Price Rs.10

## ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ବ୍ୟବସ୍ଥାରେ ସ୍ଥିରତା ଆବଶ୍ୟକ: ପି.କେ ମିଶ୍ର

ନୂଆଦିଲ୍ଲୀ: ବିଶ୍ୱବ୍ୟାପୀ ବଢୁଥିବା ବିପର୍ଯ୍ୟୟ ଓ ଜଳବାୟୁ ବିପଦର ମୁକାବିଲା ପାଇଁ ସୁଦୃଢ଼ ଭିତ୍ତିଭୂମିରେ ପୁଞ୍ଜିନିବେଶ କରାଯିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର କହିଛନ୍ତି । ଭାରତ ମଣ୍ଡପମଠାରେ ଆୟୋଜିତ ବିପର୍ଯ୍ୟୟ ପ୍ରତିରୋଧୀ ଭିଭିଭୂମି (ଆଇସିଡି-ଆରଆଇ) ଉପରେ ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗ ଦେଇ ଡକ୍ଟର ମିଶ୍ର କହିଛନ୍ତି ଯେ, କେବଳ ଅଧିକ ଭିତ୍ତିଭୂମି ନୁହେଁ, ପ୍ରତିରୋଧୀ ଭିତ୍ତିଭୂମି ଆବଶ୍ୟକ । ଯଥେଷ୍ଟ ଭିତ୍ତିଭୂମି ନୁହେଁ ବରଂ ଦୀର୍ଘସ୍ଥାୟୀ



ଭିତ୍ତିଭୂମି ଜରୁରୀ । କେବଳ ଭିତ୍ତିଭୂମି ସମ୍ପତ୍ତି ନୁହେଁ, ଭିତ୍ତିଭୂମି ପ୍ରଣାଳୀ ପ୍ରସ୍ତୁତି ଦିଗରେ ଧ୍ୟାନ ଦିଆଯିବା ଉଚିତ । ଭିତ୍ତିଭୂମି ବ୍ୟବସ୍ଥାରେ ସ୍ଥିରତାକୁ ଅବହେଳା କରିବାର ପରିଣାମ ବିଷୟରେ ସେ ଚେତାବନୀ ଦେଇ କହିଥିଲେ ଯେ, ଯଦି ଆମେ ଭିତ୍ତିଭୂମି ବ୍ୟବସ୍ଥାରେ ସ୍ଥିରତା ସୃଷ୍ଟି ନ କରୁ, ତେବେ ଏଭଳି ବିପର୍ଯ୍ୟୟ ପରେ ପୁନରୁଦ୍ଧାର ଏବଂ ପୁନଃନିର୍ମାଣ ପାଇଁ ଅଧିକରୁ ଅଧିକ ପାଣ୍ଠି ଖର୍ଚ୍ଚ କରିବାକୁ ବାଧ ହେବୁ । ସେହିପରି ଭିତ୍ତିଭୂମି ଅଭାବ ପୂରଣ, ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ, ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ଲକ୍ଷ୍ୟରେ ପହଞ୍ଚିବା ଏବଂ ୨୦୫୦ ସୁଦ୍ଧା ସହନଶୀଳତାକୁ ସୁଦୃଢ଼ କରିବା ଲାଗି ବାର୍ଷିକ ୯୨ ଟ୍ରିଲିୟନ ଆମେରିକୀୟ ଡଲାର ନିବେଶ କରିବାର ଆବଶ୍ୟକତା ରହିଛି । ପ୍ରଥମେ ଆମକୁ ଦକ୍ଷିଣ ବିଶ୍ୱରେ ସମ୍ମୁଖୀନ ହେଉଥିବା ଭିତ୍ତିଭୂମି ଆହ୍ୱାନର ମୁକାବିଲା ଲାଗି ଉନ୍ନତ ରୂପାୟନ ନିମନ୍ତେ ସୁଯୋଗ ସୃଷ୍ଟି କରିବାକୁ ହେବ । ଅଭିନବ ଆର୍ଥିକ ଉପକରଣର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଡକ୍ଟର ମିଶ୍ର ଅଂଶଗ୍ରହଣକାରୀଙ୍କୁ ସହାୟକ ଭିତ୍ତିଭୂମିରେ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବାର ଉପାୟ ଖୋଜିବାକୁ ଅନୁରୋଧ କରିଥିଲେ ।

## ବିଜେଡି ଛାଡିଲେ ରାସେଶ୍ୱରୀ ପାଣିଗ୍ରାହୀ

ସମ୍ବଲପୁର : ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ବିଜେଡିରୁ ଇସ୍ତଫା ଦେଇଛନ୍ତି । ଅଯୋଗ୍ୟ ବୋଲି ମନ୍ତ୍ରୀମଣ୍ଡଳରୁ ବାଦ୍ ଦେଇଥିବା ନେତାଙ୍କୁ ଦଳୀୟ ଟିକଟ ଦେବା ଏବଂ



ସମ୍ବଲପୁରର, ଅସ୍ମିତା ଓ ସ୍ୱାଭିମାନ ପାଇଁ ସେ ଇସ୍ତଫା ଦେଇଥିବା ଦର୍ଶାଇଛନ୍ତି । ଅନ୍ୟ କୌଣସି ଦଳରେ ସାମିଲ ହେବେ ନାହିଁ ଏବଂ ଜୀବନର ଶେଷ ପର୍ଯ୍ୟନ୍ତ ଲୋକଙ୍କ ସେବା କରିବେ ବୋଲି ସେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ସେ କହିଥିଲେ ଯେ, ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ତାଙ୍କ ବିଧାୟକ କାର୍ଯ୍ୟକାଳ ସମୟରେ ସମ୍ବଲପୁରର ବିକାଶକୁ ଗୁରୁତ୍ୱ ଦେଇଥିଲେ । ୨୦୧୯ ରୁ ୨୦୨୪ ମଧ୍ୟରେ ସେ ବିଧାୟକ ନ ଥିଲେ ମଧ୍ୟ ଦଳ ସହ ଯୋଡ଼ି ହୋଇ ସଙ୍ଗଠନ ଚଳାଇଥିଲେ । ବାହାରୁ ଜଣଙ୍କୁ ଆଣି ଏଠାରେ ପ୍ରାର୍ଥୀ କରିବା କେତେ ଯୁକ୍ତିଯୁକ୍ତ ବୋଲି ସେ ପ୍ରଶ୍ନ କରିଛନ୍ତି । ସେ ବଞ୍ଚିଥିବା ପର୍ଯ୍ୟନ୍ତ ସମାଜସେବା କରିବେ ବୋଲି କହିଛନ୍ତି । ସେ ପୁଣି କହିଛନ୍ତି ଯେ, ଏକ ଟ୍ରଷ୍ଟକରି ଗରିବ ରୋଗୀ ଏବଂ ଗରିବ ମେଧାବୀ ଛାତ୍ରଙ୍କୁ ସହାୟତା ଦେଉଛନ୍ତି । ତାଙ୍କର ଯାହା କିଛି ସମ୍ପତ୍ତି ଅଛି ତାଙ୍କର ଅନ୍ତେ ତାହା ଉକ୍ତ ଟ୍ରଷ୍ଟକୁ ଯିବ । ତାଙ୍କ ସହ ବିଜେଡି ମହାନଗର ନିଗମ ସଭାପତି ସତୀଶ ବିଶି, ଜିଲା ଉପସଭାପତି ସୁମନ୍ତ୍ର ପଣ୍ଡା ଓ ଦେବାଶିଷ ନନ୍ଦ, ଜିଲା ସାଧାରଣ ସମ୍ପାଦକ ଭୋଳାଶଙ୍କର ମହନ୍ତ ଓ ପ୍ରଦୀପ ରାଉତରାୟ ଜିଲା ସମ୍ପାଦକ ଲିଙ୍ଗରାଜ ପରିଡ଼ା, ଜଗନ୍ନାଥ ଚୌଧୁରୀ, ଭାବେଶ ଚାନ୍ଦ ଓ ଉମାପତି ତ୍ରିପାଠୀ, ଯୁବ ବିଜେଡି ମହାନଗର ସଭାପତି ନିଶାନ୍ତ ବହିଦାର, ଯୁବ ଜୋନାଲ ସାଧାରଣ ସମ୍ପାଦକ ରମାକାନ୍ତ ସାହୁ, ଯୁବ ଜିଲା ଉପସଭାପତି ଅମିତାଭ ପରିଡ଼ା, ମହାନଗର ଯୁବ ଉପସଭାପତି ଦୀପେନ୍ଦ୍ର ପଟେଲ, ଆଶିଷ ପଟ୍ଟନାୟକ, ମହିଳା ଜିଲା ସମ୍ପାଦିକା ସୁକାନ୍ତି ବାରିକ, ଜିଲା ସାଧାରଣ ସମ୍ପାଦିକା ସୀତା ପ୍ରଧାନ ପ୍ରମୁଖ ବିଜେଡିରୁ ଇସ୍ତଫା ଦେଇଛନ୍ତି ।

## କଂଗ୍ରେସରେ ପୂର୍ବତନ ଏମ୍.ପି ନଗେନ୍ଦ୍ର ପ୍ରଧାନ

ଭୁବନେଶ୍ୱର: ସମ୍ବଲପୁରର ପୂର୍ବତନ ସାଂସଦ ତଥା ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର କୁମାର ପ୍ରଧାନ ବିଜେଡି ଛାଡ଼ି କଂଗ୍ରେସରେ ଯୋଗ ଦେଇଛନ୍ତି । କଂଗ୍ରେସ ଭବନଠାରେ ଆୟୋଜିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର, ସହ ପ୍ରଭାରୀ ଶାହାନୱାଜ ଚୌଧୁରୀ, ପ୍ରଚାର କମିଟିର ଅଧ୍ୟକ୍ଷ ଭକ୍ତଚରଣ ଦାସ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତିଙ୍କ ଉପସ୍ଥିତିରେ ନଗେନ୍ଦ୍ର ବିଧିବଦ୍ଧ ଭାବେ ହାତ ଧରିଛନ୍ତି । ପୂର୍ବତନ ସାଂସଦ ନଗେନ୍ଦ୍ର ପ୍ରଧାନ



ଗତ ୨୦୧୪ ନିର୍ବାଚନରେ ମୋଦୀ ଲହର ଥିବା ସତ୍ତ୍ୱେ ବିଜେଡି ପ୍ରାର୍ଥୀ ଭାବେ ସର୍ବାଧିକ ୩୦ ହଜାର ୫୭୬ ଖଣ୍ଡ ଭୋଟ୍‌ରେ ବିଜେପି ପ୍ରାର୍ଥୀ ସୁରେଶ ପୂଜାରୀଙ୍କୁ ପରାସ୍ତ କରିଥିଲେ । ତୃତୀୟ ସ୍ଥାନରେ କଂଗ୍ରେସର ପୂର୍ବତନ ସାଂସଦ ଅମରନାଥ ପ୍ରଧାନ ରହିଥିଲେ । କଂଗ୍ରେସର ଗଡ଼ ଥିବା ସମ୍ବଲପୁର ଲୋକସଭା ନିର୍ବାଚନ ୨୦୧୯ ରେ ବିଜେପି ପ୍ରାର୍ଥୀ ନିତେଶ ଗଙ୍ଗଦେବ ପ୍ରଥମ ଥର ପାଇଁ ବିଜୟ ହାସଲ କରିଥିବା ବେଳେ କଂଗ୍ରେସ ପ୍ରାର୍ଥୀ ତଥା ବର୍ତ୍ତମାନର ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ମାତ୍ର ୧ ଲକ୍ଷ ୩୫ ହଜାର ୯୬୯ ଖଣ୍ଡ ଭୋଟ୍ ପାଇ ତୃତୀୟ ସ୍ଥାନରେ ରହିଥିଲେ । ପୂର୍ବତନ ସାଂସଦ ନଗେନ୍ଦ୍ର ପ୍ରଧାନ ୧୯୯୦, ୨୦୦୦ ଓ ୨୦୦୪ ରେ ତିନିଥର ବିଜେଡିରୁ ବିଧାୟକ ନିର୍ବାଚିତ ହୋଇଥିବା ବେଳେ ୨୦୦୪ ରୁ ୨୦୦୬ ମସିହା ପର୍ଯ୍ୟନ୍ତ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ (ସ୍ୱତନ୍ତ୍ର) ଭାବେ କାର୍ଯ୍ୟ ତୁଲାଇଥିଲେ ।

## ୨୦୨୪ ର ନିର୍ବାଚନ ସବୁଠୁ ମହଙ୍ଗା ନିର୍ବାଚନ ହେବ

ନୂଆଦିଲ୍ଲୀ : ଭାରତରେ ୧୮ ତମ ଲୋକସଭା ନିର୍ବାଚନର ଖର୍ଚ୍ଚ ଏକ ନୂଆ ରେକର୍ଡ କରିବାକୁ ଯାଉଛି । ସାରା ବିଶ୍ୱରେ ସବୁଠୁ ବଡ଼ ଗଣତାନ୍ତ୍ରିକ ଦେଶ ଭାରତରେ ସାଧାରଣ ନିର୍ବାଚନୀ ଖର୍ଚ୍ଚ ୧,୩୫ ଲକ୍ଷ କୋଟି ଟଙ୍କା ଟପିବ ବୋଲି ସେଣ୍ଟର ଫର୍ ମିଡିଆ ଷ୍ଟଡିଜ୍ (ସିଏମ୍ଏସ୍) ଏନ୍‌ଜିଓ ଏକ ରିପୋର୍ଟରେ ଦାବି କରିଛି । ୨୦୧୯ ଲୋକସଭା ନିର୍ବାଚନରେ ପ୍ରାୟ ୬୦ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ଚଳିତ ଥର ତାହା ଦୁଇଗୁଣରୁ ଅଧିକ ହେବ । ୩୫ ବର୍ଷ ଧରି ସିଏମ୍ଏସ୍ ନିର୍ବାଚନୀ ଖର୍ଚ୍ଚ ଉପରେ ନଜର ରଖିଛି । ସିଏସ୍ଏସ୍ ଅଧ୍ୟକ୍ଷ ଏନ୍. ଭାସ୍କର ରାଓ ଏକ ସାକ୍ଷାତକାରରେ କହିଛନ୍ତି ଯେ, ଏହି ଖର୍ଚ୍ଚରେ ରାଜନୈତିକ ଦଳ, ସଙ୍ଗଠନ, ପ୍ରାର୍ଥୀ, ସରକାର ଏବଂ ନିର୍ବାଚନ କମିଶନଙ୍କ ସମେତ ପ୍ରତ୍ୟକ୍ଷ ଓ ପରୋକ୍ଷ ଖର୍ଚ୍ଚ ଅନ୍ତର୍ଭୁକ୍ତ । ପୂର୍ବରୁ ଏହି ଆକଳନ ୧.୨୦ ଲକ୍ଷ କୋଟି ଟଙ୍କା ରହିଥିଲା । ହେଲେ ଇଲେକ୍ଟୋରାଲ ବଣ୍ଡ୍ ତଥ୍ୟ ସାମ୍ନାକୁ ଆସିବା ପରେ ସେହି ଅର୍ଥ ସମେତ ନିର୍ବାଚନ ବାବଦ ଅନ୍ୟ ଖର୍ଚ୍ଚକୁ ଅନ୍ତର୍ଭୁକ୍ତ କରି ଏହାକୁ ପୁନଃ ଆକଳନ କରାଯାଇଥିଲା ।

ରାଓ ଆହୁରି କହିଛନ୍ତି, ନିର୍ବାଚନ ପରିଚାଳନା ପାଇଁ ନିର୍ବାଚନ କମିଶନଙ୍କ ବଜେଟ ମୋଟ ଖର୍ଚ୍ଚର ୧୦ରୁ ୧୫ ପ୍ରତିଶତ ହେବ । ତେବେ ମୋଟ ଖର୍ଚ୍ଚର ୩୦ ପ୍ରତିଶତ ବିଭିନ୍ନ ପ୍ଲାଟଫର୍ମରେ ମିଡିଆ କ୍ୟାମ୍ପେନ୍‌ରେ ଖର୍ଚ୍ଚ ହେବାର ଆକଳନ କରାଯାଇଛି । ରାଜନୈତିକ ଦଳର ର୍‌ୟାଲି, ଶୋଭାଯାତ୍ରା, ନିର୍ବାଚନୀ ସଭା, କର୍ମୀଙ୍କ ପରିବହନ ସମେତ ବିବାଦୀୟ ଘୋଡ଼ା ବେପାର ଖର୍ଚ୍ଚକୁ ମଧ୍ୟ ନିର୍ବାଚନୀ ଖର୍ଚ୍ଚରେ ସାମିଲ କରାଯାଇଛି । ଏଥିସହ ନିର୍ବାଚନ ତାରିଖ ଘୋଷଣା ହେବାର ୩/୪ ମାସ ପୂର୍ବରୁ ଦଳ ଗୁଡ଼ିକ ପକ୍ଷରୁ କରାଯାଇଥିବା ଖର୍ଚ୍ଚ ମଧ୍ୟ ଏଥିରେ ହିସାବଭୁକ୍ତ । ଆସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମସ୍ (ଏଡିଆର୍) ନିକଟରେ ଦାବି କରିଥିଲା ଯେ, ଭାରତରେ ରାଜନୈତିକ ଦଳଗୁଡ଼ିକର ପାଣ୍ଠିରେ ସ୍ୱଚ୍ଛତାର ଅଭାବ ରହିଛି । ୨୦୦୪-୦୫ରୁ ୨୦୨୨-୨୩ ପର୍ଯ୍ୟନ୍ତ ଦେଶର ପ୍ରମୁଖ ୬ ରାଜନୈତିକ ଦଳକୁ ମିଳିଥିବା ମୋଟ ୧୯,୦୮୩ କୋଟି ଟଙ୍କାର ପ୍ରାୟ ୬୦ ପ୍ରତିଶତ ଅଜ୍ଞାତ ଉତ୍ସରୁ ଆସିଛି, ଯେଉଁଥିରେ ନିର୍ବାଚନୀ ବଣ୍ଡ୍ ବି ସାମିଲ ଥିଲା । ୨୦୧୯ରେ ଖର୍ଚ୍ଚ ହୋଇଥିବା ପ୍ରାୟ ୬୦ ହଜାର କୋଟି ଟଙ୍କାର ପ୍ରାୟ ୪୫% କେବଳ ବିଜେପି ଖର୍ଚ୍ଚ କରିଥିଲା । ୨୦୨୪ ନିର୍ବାଚନରେ ତାହା ବହୁଗୁଣା ହେବାର ସମ୍ଭାବନା ରହିଛି ।

ୱାଶିଂଟନ୍ ଡିସିର ଏକ ଅଣଲାଭକାରୀ ସଂସ୍ଥା ଓପନସିକ୍ରେଟ୍ ଡଟ୍ ଓଆରଜି' ଅନୁସାରେ, ଭାରତରେ ୯୬.୯ କୋଟି ମତଦାତାଙ୍କ ହିସାବରେ ପ୍ରତି ଭୋଟରଙ୍କ ପିଛା ୧,୪୦୦ ଟଙ୍କା ଖର୍ଚ୍ଚ ହେଉଛି । ଏହି ଖର୍ଚ୍ଚ ୨୦୨୦ରେ ଆମେରିକାରେ ହୋଇଥିବା ନିର୍ବାଚନୀ ଖର୍ଚ୍ଚଠାରୁ ବି ଅଧିକ । ୨୦୨୦ରେ ଆମେରିକାରେ ପ୍ରାୟ ୧.୨୦ ଲକ୍ଷ କୋଟି ଟଙ୍କା ହୋଇଥିଲା । ବିଜ୍ଞାପନ ଏଜେନ୍ସି ଡେଣ୍ଟସୁ କ୍ରିଏଟିଭ ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଅମିତ୍ କହିଛନ୍ତି, ଚଳିତ ବର୍ଷ ଡିଜିଟାଲ ପ୍ରଚାର ବହୁଳ ଭାବେ ହେଉଛି । ରାଜନୈତିକ ଦଳଗୁଡ଼ିକ କର୍ପୋରେଟ୍ ବ୍ରାଣ୍ଡ୍ ଭଳି କାମ କରିଛନ୍ତି ଏବଂ ପେସାଦାର ଏଜେନ୍ସିଗୁଡ଼ିକଠାରୁ ସେବା ନେଉଛନ୍ତି । ମେଟା, ଗୁଗୁଲ ପ୍ଲେ ଭଳି ବଡ଼ ସୋସିଆଲ ମିଡିଆଗୁଡ଼ିକର ମଧ୍ୟ ନିର୍ବାଚନ ପ୍ରଚାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସେ କହିଛନ୍ତି ।

## ଗୀତିକାର ବିନୋଦ ପଶାୟତ ପାଇଲେ 'ପଦ୍ମଶ୍ରୀ' ସମ୍ମାନ

ନୂଆଦିଲ୍ଲୀ: ଓଡ଼ିଶାର ବିଶିଷ୍ଟ ଗୀତିକାର ତଥା ନାଟ୍ୟକାର ବିନୋଦ କୁମାର ପଶାୟତଙ୍କୁ ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଛନ୍ତି । ଗତ ଜାନୁଆରୀ ୨୫ ତାରିଖ ଶ୍ରୀ ପଶାୟତଙ୍କ ସହ ଓଡ଼ିଶାରୁ ବିନୋଦ ମହାରଣା, ଭାଗବତ ପ୍ରଧାନ ଓ ଗୋପୀନାଥ ସ୍ୱାଇଁଙ୍କୁ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା ।



ଗୀତିକାର ଶ୍ରୀ ପଶାୟତ 'ଲିଟି ଉଡ଼େ ଫୁରୁଫୁରୁ', 'ହାଏ କୃଷ୍ଣ ହାଏ କୃଷ୍ଣ ବଲି', 'ଏ ନନୀ ସୁଲୋଚନା' ସମେତ ଶତାଧିକ ସମ୍ବଲପୁରୀ ଗୀତର ସ୍ରଷ୍ଟା ତଥା 'ଉଖୀ', 'ମୁଇଁ ନାଇଁ ମରେ', 'ଅଲାର' ଭଳି ବହୁ ସଫଳ ନାଟକର ସଫଳ ନାଟ୍ୟକାର ଭାବେ ଜଣାଶୁଣା । ୧୯୩୫ ମସିହା ଡିସେମ୍ବର ୩ ତାରିଖରେ ବଲାଙ୍ଗିରରେ ଜନ୍ମିତ ଶ୍ରୀ ପଶାୟତ ଅର୍ଥାଭାବରୁ ସପ୍ତମଶ୍ରେଣୀ ପରେ ପାଠ ଛାଡ଼ିଥିଲେ । ବାପା ଚୈତନ୍ୟ ତାଙ୍କୁ ପାରିବାରିକ ପେଶା ବାରିକ କାମରେ ନିୟୋଜିତ କରିଥିଲେ । ସମ୍ବଲପୁର ବୈଦ୍ୟନାଥ ଛକରେ ଏକ ସେଲୁନ କରି ଜୀବିକା ନିର୍ବାହ କରୁଥିବା ଶ୍ରୀ ପଶାୟତଙ୍କ ଜୀ ବନ ବେଶ୍ ସଂଘର୍ଷମୟ । ସାହିତ୍ୟରେ ରୁଚି ଯୋଗୁଁ ଶ୍ରୀ ପଶାୟତ ୧୯ ବର୍ଷ ବୟସରେ ସମ୍ବଲପୁର କୁ ଚାଲି ଆସିଥିଲେ । ସମ୍ବଲପୁର ସହର ତାଙ୍କ କର୍ମଭୂମି ସହିତ ସାହିତ୍ୟ ସାଧନାର ପୀଠ ସାଜିଥିଲା । ନାଟ୍ୟ କଳାକାର ମୁରାରୀ ପ୍ରସାଦ ମିଶ୍ର ଓ ଶିବ ପ୍ରସାଦ ମିଶ୍ରଙ୍କ ସଂସ୍ପର୍ଶରେ ଆସିବା ପରେ ତାଙ୍କ ସାହିତ୍ୟ ସାଧନା ଆରମ୍ଭ ହୋଇଥିଲା । ଜୀବିକା ନିର୍ବାହ ପାଇଁ ଲୋକଙ୍କ ବାଳ କାଟିବା ସହ ସମୟ ମିଳିଲେ ସେ ସାହିତ୍ୟ ସାଧନା ଜାରି ରଖୁଥିଲେ । ପରବର୍ତ୍ତୀ ସମୟରେ ସଙ୍ଗୀତଜ୍ଞ ଅରୁଣ ପ୍ରସନ୍ନ ସେଠଙ୍କ ସମ୍ପର୍କରେ ଆସି ସେ ସମ୍ବଲପୁରୀ ଗୀତ ଲେଖିବା ଆରମ୍ଭ କରିଥିଲେ । ୧୯୫୯ ମସିହାରୁ ସେ ଆକାଶବାଣୀର ମାନ୍ୟତାପ୍ରାପ୍ତ ଗୀତିକାର ରହିଛନ୍ତି । ଆରମ୍ଭରେ ସେ ଆକାଶବାଣୀ, କଟକ ପାଇଁ ଗୀତ ଲେଖୁଥିବା ବେଳେ ଆକାଶବାଣୀ, ସମ୍ବଲପୁର ସ୍ଥାପନ ହେବାପରେ ସେ ପ୍ରଥମ ବ୍ୟାଚ୍‌ର ଗୀତିକାର । ୧୯୮୧ ମସିହାରେ ତାଙ୍କ ରଚିତ ସମ୍ବଲପୁରୀ ନାଟକ 'ଉଖି' ରାଉରକେଲାରେ ମଞ୍ଚସ୍ଥ ହୋଇ ବହୁ ଲୋକପ୍ରିୟ ହୋଇଥିଲା । 'ଉଖି' ସହ ନାଟ୍ୟକାର ମଙ୍ଗଲୁ ଚରଣ ବିଶ୍ୱାଳଙ୍କ ସମ୍ବଲପୁରୀ ନାଟକ 'ଭୁଖା' ସେ ସମୟରେ ସମ୍ବଲପୁରୀ ନାଟକର ଏକ ନୂତନଯୁଗ ଆରମ୍ଭ କରିଥିଲା । ଗୀତ, ନାଟକ ସହ ରାମ ରାଏଜର୍ କଥା, ଚୁଟ୍‌କୁଚୁଟା ଭଳି କେତେକ ଉପନ୍ୟାସ ମଧ୍ୟ ଶ୍ରୀ ପଶାୟତଙ୍କ ସୃଷ୍ଟି ସମ୍ଭାରକୁ ଋଦ୍ଧିମନ୍ତ କରିଛି । ସମ୍ମାନଜନକ ଶାରଳା ପୁରସ୍କାର, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ସମେତ ଶ୍ରୀ ପଶାୟତ ବହୁ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି ।

## ଏ ସଂଖ୍ୟାରେ..



ଦେହକୁ ହିତ ମେଥି



ଦେହକୁ ଭଲ କଞ୍ଚା ଆମ୍ବ



ଔଷଧୀୟ ସଜନା ଶାଗ



ସ୍ୱାସ୍ଥ୍ୟ ପାଇଁ ଭଲ ପିଜୁଳି



ପେଟର ଚର୍ବି କମ୍ ପାଇଁ ଭଲ ଦଳିୟା



ହଳଦୀର ଉପକାରିତା

## ନିର୍ବାଚନୀ ପ୍ରଚାର ମଧ୍ୟରେ ରକ୍ତଦାନ ଶିବିର

ସମ୍ବଲପୁର : ସାଧାରଣ ନିର୍ବାଚନ ପାଇଁ ପ୍ରଚାର ଅଭିଯାନ ଯୋରଦାର ଚାଲିବା ମଧ୍ୟରେ ବିଜେଡି ପକ୍ଷରୁ ଓଡ଼ିଶା ମୋ ପରିବାର ସୌଜନ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବୁର୍ଲା ଭିମ୍ସାର ରକ୍ତଭଣ୍ଡାରରେ ଅନୁଷ୍ଠିତ ଶିବିରରେ ମୋଟ୍ ୧୦୧ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ନିଜେ ଶିବିରରେ ରକ୍ତଦାନ କରିଥିଲେ । ବୁର୍ଲା ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ରାଧାମୋହନ ଘଡ଼େଇ, ଦେବାଶିଷ ମିଶ୍ର, ମଞ୍ଜୁ ପ୍ରଧାନ, ରୋଜାଲିନ ନାୟକ, କରୁଣାକର ସାହୁ, ମଧୁହିତା ଦାସ ପ୍ରମୁଖ ଶିବିର ପରିଚାଳନା କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ବିଧାନସଭା ପ୍ରାର୍ଥୀ ବିଧାୟକ ଇଂ. ରୋହିତ ପୂଜାରୀ, ଜିଲା ଯୁବ ବିଜେଡି ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ଜିଲା ଛାତ୍ର ବିଜେଡି ସଭାପତି ଶୁଭ୍ରାଂଶୁ ପାଢ଼ୀ, ଓଡିଶା ମୋ ପରିବାର ଜିଲା ସଂଯୋଜିକା କବିତା ପୁରୋହିତ, ଛାତ୍ର ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ରାଜେଶରାଜ ସ୍ୱାଇଁ, ବିଜେଡି ସମ୍ବଲପୁର ଜୋନ୍ ସାଧାରଣ ସମ୍ପାଦକ ସୁଧର ପଣ୍ଡା, ସମ୍ବଲପୁର ନିର୍ବାଚନୀ ସଂଯୋଜକ ଦେବୀ ଲେଙ୍କା, ଯୁବ ବିଜେଡି ଜିଲା ଉପସଭାପତି ମଞ୍ଜୁ ଓରାମ, ଯୁବ ବିଜେଡି ଜିଲା ସମ୍ପାଦକ ଉତ୍ତମ ବାଗ ଯୋଗ ଦେଇଥିଲେ ।

## ଜଗନ୍ନାଥ ମନ୍ଦିରରେ ସନ୍ଥ ନିବାସ ଉଦ୍‌ଘାଟିତ

ବରଗଡ଼ : ଗାଇସିଲେଟ ଜଗନ୍ନାଥ ମନ୍ଦିର ପରିସରରେ ନବ ନିର୍ମିତ ସାଧୁ-ସନ୍ଥ ନିବାସ ଉଦଘାଟିତ ହୋଇଯାଇଛି । ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସାଧୁ ଚରଣ ପଣ୍ଡା ଏହା ଉଦ୍‌ଘାଟନ କରିଥିଲେ । ମନ୍ଦିର ପୂଜକ ପଣ୍ଡିତ ଲଳିତ କୁମାର ପଣ୍ଡା ପୂଜାର୍ଚ୍ଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅମ୍ବିକା ପ୍ରସାଦ ତ୍ରିବେଦୀ, ଡାକ୍ତର ଅନିଲକୁମାର ପଣ୍ଡା, ନବିନ ଚନ୍ଦ୍ର ତ୍ରିପାଠୀ, ଦେବେନ୍ଦ୍ର କମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

## ଜେଇଇ ମେନ୍‌ରେ ସମ୍ବଲପୁର ବିକାଶ ଛାତ୍ରଛାତ୍ରୀଙ୍କ ସଫଳତା

ସମ୍ବଲପୁର : ଜେଇଇ ମେନ ପ୍ରବେଶିକା ପରୀକ୍ଷାରେ ଶାସନସ୍ଥିତ ବିକାଶ ଦ କନସେପ୍ଟ ସ୍କୁଲ ଛାତ୍ରୀଛାତ୍ରମାନେ ସଫଳତା ଅର୍ଜନ କରିଛନ୍ତି ବୋଲି ଏହାର ନିର୍ଦ୍ଦେଶକ ଜି. ରାମକୃଷ୍ଣ କହିଛନ୍ତି । ସେ କହିଛନ୍ତି ଯେ, ୫ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ପର୍ସେନଟାଇଲ ରଖି ସ୍କୁଲକୁ ଉଚ୍ଚତର ସୋପାନକୁ ନେଇଛନ୍ତି । ସେମାନଙ୍କ ମଧ୍ୟରେ ସ୍ୱପ୍ନିଲ ବର୍ମା (୯୮.୦୪), ଅନ୍ୱେଷ ବଡ଼ପଣ୍ଡା (୯୪.୭୯), କରନ ବେହେରା (୯୨.୨୭), ଅମିତ ପ୍ରଧାନ (୯୧.୩୫), ଅନ୍ୱେଷ ପରିଚ୍ଛା (୯୦.୯୬) ରହିଛନ୍ତି । ସେହିପରି ୧୩ ଜଣ ଜେଇ କଟଅଫ୍ ପର୍ସେନଟାଇଲ ଅଧିକ ନମ୍ବର ରଖି ଜେଇ ଏଡଭାନ୍ସ ପାଇଁ ଯୋଗ୍ୟ ହୋଇଛନ୍ତି । ରାଜକୁମାର ମେହେର (୯୪.୦୯), ଅର୍ମାନ (୯୦.୬୬), ପାର୍ଥ ଅଗ୍ରୱାଲ (୯୨.୫୪), ରୋଷନୀ (୯୩.୦୨), ଡି. ଡିନେଶ (୯୧.୮୦), ଶ୍ରୀୟା ସାହୁ (୯୦.୦୪) ବିଭିନ୍ନ ବିଷୟରେ ୯୦ ପର୍ସେନ୍‌ଟାଇଲରୁ ଉର୍ଦ୍ଧ୍ୱ ରଖି ବିଦ୍ୟାଳୟର ଖ୍ୟାତି ବଢ଼ାଇଛନ୍ତି । ୫୫ ଜଣ ଛାତ୍ରୀଛାତ୍ର ବିଭିନ୍ନ ଏନଆଇଟିସ ଏବଂ ରାଜ୍ୟ ସ୍ତରୀୟ ଇଂଜିନିୟରିଂ କଲେଜ ଗୁଡିକରେ ସିଟ ପାଇବାର ସମ୍ଭାବନା ରହିଛି । ବିକାଶ ହାଇୟର ସେକଣ୍ଡାରୀ ସ୍କୁଲର ୪ଜଣ ଛାତ୍ର ରାହୁଲ ମହାପାତ୍ର(୯୩.୮୪), ଆଲୋକ ମେହେର (୯୧.୧୨), ମୌମ୍ୟରଞ୍ଜନ ନାଏକ (୯୧.୦୫), ସିତିଶ ପାଣିଗ୍ରାହୀ (୯୦.୦୬), ବିଭିନ୍ନ ବିଭିନ୍ନ ବିଷୟରେ ୯୦ରୁ ଉର୍ଦ୍ଧ୍ୱ ପର୍ସେନଟାଇଲ ରଖି ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି । ଛାତ୍ରୀଛାତ୍ରଙ୍କ ଏହି କୃତିତ୍ୱ ପାଇଁ ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ସେଣ୍ଟ୍ରାଲ ଏକାଡେମିକ ସିଷ୍ଟମରେ କାମ କରୁଥିବା ଏନଟ୍ରାନ୍ସ ଶିକ୍ଷକମାନଙ୍କ ପରିଶ୍ରମ ଓ ଛାତ୍ରୀଛାତ୍ରଙ୍କ ଅଧ୍ୟବସାୟ, ବିକାଶ ସିନିୟର ସେକଣ୍ଡାରୀ ଅଧକ୍ଷା ସ୍କୁଲ ଅଧକ୍ଷ ସଂଜୀବ କୁମାର ବାବୁ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ବିକାଶ ଅନୁଷ୍ଠାନ ପ୍ରତି ଅଭିଭାବକ ମାନଙ୍କ ଦୃଢ଼ ବିଶ୍ୱାସ ପାଇଁ ନିଜର କୃତଜ୍ଞତା ଜଣାଇଛନ୍ତି । ବିକାଶ କନସେପ୍ଟ ସ୍କୁଲର ଅଧକ୍ଷ ମନୋରଂଜନ ପତି ଛାତ୍ରୀଛାତ୍ରଙ୍କ ଭୂୟସୀ ପ୍ରଶଂସା କରିଛନ୍ତି । ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକୟ, ଶୁଭେଚ୍ଛୁମାନେ ବିକାଶ ଛାତ୍ରୀଛାତ୍ରୀଙ୍କ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି ।

## ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ୨୨ତମ ପ୍ରତିଷ୍ଠା ଦିବସ

ସମ୍ବଲପୁର : ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ୨୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଯୁବ ପ୍ରସ୍ତୁତି କାର୍ଯ୍ୟକ୍ରମରେ ସମସ୍ତ ପ୍ରକାର ସହଯୋଗ କରିବାକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ପବ୍ଲିକ ଲାଇବ୍ରେରୀ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଯାଇଛି । ଅଧକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟଅତିଥି ଏବଂ କୁଳସଚିବ ଡକ୍ଟର ନୃପରାଜ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସଭା ପ୍ରାରମ୍ଭରେ ଉପାଧ୍ୟକ୍ଷ ପ୍ରଫେସର ଶଙ୍କର ପ୍ରସାଦ ପତି ଲାଇବ୍ରେରୀର ପ୍ରତିଷ୍ଠା ଏବଂ ଗତ ୨୧ ବର୍ଷ ମଧ୍ୟରେ ଏହାର କାର୍ଯ୍ୟକଳାପ ସମ୍ବନ୍ଧରେ ବିଶଦ ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ଲାଇବ୍ରେରୀର ବରିଷ୍ଠ ସଦସ୍ୟ ଡାକ୍ତର ରମାବଲ୍ଲଭ ମିଶ୍ର, ଅରବିନ୍ଦ ମହାପାତ୍ର, ଅର୍ଜୁନ ରଞ୍ଜନ ପଣ୍ଡା ଓ ଡକ୍ଟର ଗିରିଧାରୀ ହୋତା ଲାଇବ୍ରେରୀର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ଲାଇବ୍ରେରୀର ବିଦ୍ୟାର୍ଥୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତାରେ ରାଧାମୋହନ ଦାଶ ପ୍ରଥମ, ପ୍ରିୟଙ୍କା ନାୟକ ଦ୍ୱିତୀୟ ଓ ସମ୍ବିତ ଚାନ୍ଦ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ ।

## ଅଧ୍ୟାତ୍ମ ପଥର ସଚ୍ଚା ପଥିକ ହୁଅନ୍ତୁ

**ଆ**ମେ ଦଶକ ଦଶକ ଧରି ଅଧ୍ୟାତ୍ମ ପଥର ପଥିକ ହୋଇଛେ, କିନ୍ତୁ ଜୀବନକୁ ଯଦି ସାର୍ଥକତାର ଅନୁଭୂତିରେ ଶୂନ୍ୟ ପାଇଛେ, ଆଧ୍ୟାତ୍ମିକ ପ୍ରକାଶ ଓ ବିଚାରଣାରୁ ବଞ୍ଚିତ ଦେଖାଯାଉଛେ ତଥା ଜୀବନ ଅଶାନ୍ତି, ଈର୍ଷା ଓ ସନ୍ତାପରେ ଆକୁଳ, ତାହେଲେ ଆମେ ଅଧ୍ୟାତ୍ମ ପଥକୁ ବୁଝିବାରେ, ଗୁରୁଙ୍କ ପ୍ରଦର୍ଶିତ ମାର୍ଗରେ ଚାଲିବାରେ କେଉଁଠି ଭୁଲ ହେଉଛି ବୋଲି ମାନିବାକୁ ହେବ ।

ବାସ୍ତବରେ ଅଧ୍ୟାତ୍ମ ପଥ ଈଶ୍ୱର ବା ଗୁରୁଙ୍କ ଠାରୁ ଯାଚନା ବା ଭିକ୍ଷା ମାଗିବାର ପ୍ରକ୍ରିୟା ନୁହେଁ । ଅଧ୍ୟାତ୍ମ ଶିଷ୍ୟ-ସାଧକର ଅଭୀପ୍ସାରୁ ପ୍ରାରମ୍ଭ ହୋଇଥାଏ, ଯାହାର ଆଧାର ହୋଇଥାଏ ଆତ୍ମଶ୍ରଦ୍ଧା ଏବଂ ଜୀବନର ସ୍ପଷ୍ଟ ଲକ୍ଷ୍ୟ ହୋଇଥାଏ ନିଜର ବାସ୍ତବିକ ସ୍ୱରୂପର ବୋଧ ଅର୍ଥାତ୍ ଆତ୍ମସାକ୍ଷାତ୍କାର । ଯଦି ଏହି ଲକ୍ଷ୍ୟ ଆମର ସ୍ପଷ୍ଟ ନୁହେଁ ଏବଂ ଏହି ଦିଶାରେ ଆମେ ଆଗକୁ ବଢୁନାହେଁ, ତାହେଲେ ଆମେ ନାନା ପ୍ରକାର ବିଡ଼ମ୍ବନା ଅତିକ୍ରମ କରିବା ସକାଶେ ବିବଶ–ଅଭିଶପ୍ତ ହୋଇଥାଉ ।

ଏଭଳି ସ୍ଥିତିରେ ପଦେ ପଦେ ଆମକୁ ସଂଶୟ ଘେରିନିଏ, ଯାହା ଅଧ୍ୟାତ୍ମ ପଥରେ ଗୋଟିଏ ପାଦ ବି ଆଗକୁ ବଢ଼ିବାକୁ ଦିଏ ନାହିଁ । ଆତ୍ମଶ୍ରଦ୍ଧାର ଅଭାବରେ ଜୀବନ ଆତ୍ମସାକ୍ଷାତ୍କାରର ଲକ୍ଷ୍ୟରୁ ବିମୁଖ ରହିଥାଏ । ଏପରି ହେବା ଦ୍ୱାରା ଋଷିମାନେ ଯେଉଁ ଆତ୍ମଜ୍ଞାନକୁ ଜୀବନର ସର୍ବୋପରି ଆବଶ୍ୟକତା କହିଥିଲେ, ସେଥିରୁ ବ୍ୟକ୍ତି ବଞ୍ଚେ ରହିଯାଏ ।

ସେ ବାହ୍ୟ ଜ୍ଞାନ ଓ ସାଂସାରିକ କୌଶଳ ତ ଅବଶ୍ୟ ପ୍ରାପ୍ତ ହୋଇଥାଏ, କିନ୍ତୁ ସାଂସାରିକ ଗୋଲକଧନ୍ଦାରେ ଫସି ରହିଥାଏ ବା ପୁଣି ଧର୍ମ-ଅଧ୍ୟାତ୍ମ ନାଁରେ ଚମତ୍କାର ବା ଅନ୍ୟ ଉଚ୍ଚତର ପ୍ରଲୋଭନଗୁଡ଼ିକରେ କେଉଁଠି ଅଟକିଯାଏ ।

ଯଦ୍ୟପି ଆତ୍ମଶ୍ରଦ୍ଧା ଅନୁସାର ଆମକୁ ସଂସାରର ମୋହ-ମାୟାରୁ ଦୂରେଇ ରହି ଈଶ୍ୱରଙ୍କ ପ୍ରତି ଉନ୍ମୁଖୀ ହେବା ଉଚିତ । ସତ୍ୟ ଓ ଜ୍ଞାନ ଦିଗରେ ବଢ଼ି ତମସ ଓ ଅଜ୍ଞାନକୁ ପାର କରିଯିବା ଆବଶ୍ୟକ । ଏହା ସହିତ ସଂସାର ଓ ଭଗବାନ ଉଭୟ ଏକସଙ୍ଗେ ପାଇହେବ ନାହିଁ ବୋଲି ବୋଧ କରିବାକୁ ହେବ । 'ଯେଉଁଠି ରାମ ଅଛନ୍ତି, ସେଠାରେ କାମ ନାହିଁ, ଯେଉଁଠି କାମ ଅଛି, ସେଠାରେ ରାମ ନାହାନ୍ତି' ।

ଏଠାରେ ଗୋଟିଏ ମାତ୍ର ପ୍ରଶ୍ନ ଉଠୁଛି ଯେ ବାସ୍ତବରେ ଆମେ ଅଧ୍ୟାତ୍ମ ପ୍ରତି କେତେ ସଚେଷ୍ଟ ଅଛି ଏବଂ ଏ ଦିଗରେ କେତେ ନୈଷ୍ଠିକ ପ୍ରୟାସ କରୁଛେ ? ଯଦି ଆମେ ଈଶ୍ୱରଙ୍କ ଅଭିମୁଖେ ଗୋଟିଏ ପାଦ ବି ବଢ଼ାଇବା, ତ ସେ ଆମ ଆଡ଼କୁ ଦଶ ପାଦ ବଢ଼ାଇବେ, ଏହି ଅଧ୍ୟାତ୍ମ ଜଗତର ସତ୍ୟ । କିନ୍ତୁ ଏପରି ହୋଇପାରେ ନାହିଁ, ଯେହେତୁ ଆମେ ସଂସାରକୁ ହିଁ ପରମ ସତ୍ୟ ମାନି ବସିଛେ, ଯାହା କି ଆମ ସମସ୍ୟାର ମୂଳ । ଆମେ ଦୁଇଟି ନାଆରେ ପାଦ ରଖି ଗୋଟିଏ ତତ୍ତ୍ୱକୁ ପାଇବା ପାଇଁ ଚାହିଁଥାଉ, ତେବେ ଦୁଇଟି ସତ୍ୟ ଏକସଙ୍ଗେ ବିଦ୍ୟମାନ ହୋଇ ପାରିବ କିପରି ? ସେଥିପାଇଁ ଜଣେ ଶିଷ୍ୟ-ସାଧକ ନିଜ ମନରେ ପ୍ରଥମେ ପାତ୍ରତାର ବିକାଶ କରିବା, ବିବେକ–ବୈରାଗ୍ୟର ଭାବ ଜାଗ୍ରତ କରିବା ଦରକାର ।

ଏହାର ଅଭାବରେ ଏଇ ସଂସାରକୁ ଆମେ ନିଜର ସ୍ଥାୟୀ ଆବାସ ମାନିବସୁ ଏବଂ ତାହା ଆମର ପୂରା ଧ୍ୟାନକୁ ଆକର୍ଷିତ କରିଥାଏ, ଆମ ମନର ସମସ୍ତ ଶକ୍ତିକୁ ଶୋଷିନିଏ, ଆମର ଭାବନାଗୁଡ଼ିକରେ ରମଣ କରେ ତଥା ଆମର ସୃଷ୍ଟି ମଧ ସେହିପରି ହୋଇଯାଏ । ପ୍ରକୃତରେ ଈଶ୍ୱର ଓ ଆତ୍ମତତ୍ତ୍ୱ ହିଁ ଶାଶ୍ୱତ, ଏହା ବ୍ୟତୀତ ବାକି ସବୁ କିଛି ପରିବର୍ତ୍ତନଶୀଳ ।

ଏ ସଂସାର ଏହି ଶାଶ୍ୱତର ପରଦାରେ ଚାଲୁଥିବା ଚଳଚ୍ଚିତ୍ର ମାତ୍ର, ନାମ-ରୂପର ଖେଳ ମାତ୍ର, ଈଶ୍ୱରଙ୍କର ଲୀଳା ମାତ୍ର, ଅନ୍ତିମ ସତ୍ୟ ନୁହେଁ । ସଂସାର ଆଖି ବୁଜି ସ୍ୱପ୍ନ ଦେଖିବା ପରି । ଆଖି ଖୋଲିବା ମାତ୍ରେ ଏହାର ସାରତାର ଫୋଟକା ଫାଟିଯାଏ ।

ବେଦ-ଉପନିଷଦ୍ କାଳରୁ ଋଷିମାନଙ୍କର ସ୍ପଷ୍ଟ ଉଦ୍‌ଘୋଷ ରହିଛି ଯେ ଈଶ୍ୱର ହିଁ ଏକମାତ୍ର ସତ୍ୟ, ସେ ହିଁ ସର୍ବଦା ରହିଥାନ୍ତି । ଏହିପରି ତାଙ୍କର ଅଭିନ୍ନ ଅଂଶ ଆତ୍ମା ହିଁ ସତ୍ୟ, ଶାଶ୍ୱତ ଏବଂ ଜଣେ ଶିଷ୍ୟ ସକାଶେ ଗୁରୁ ହିଁ ତା'ର ଆତ୍ମା ଓ ପରମାତ୍ମାଙ୍କ ସ୍ୱରୂପ ହୋଇଥାନ୍ତି ।

ଗୁରୁମୁଖରୁ ନିଃସୃତ ବଚନ ହିଁ ଶିଷ୍ୟ ପାଇଁ ଗୁରୁମନ୍ତ୍ର ହୋଇଥାଏ, ଯାହାଙ୍କର ଆଶ୍ରୟ ସେ ଅଟଳ ବିଶ୍ୱାସର ସହିତ ନେଇଥାଏ ଏବଂ ନିଜ ଆଦର୍ଶର ସ୍ତରକୁ କେବେହେଲେ ଖସିବାକୁ ଦେଇ ନ ଥାଏ ତଥା ଏହାରି ମାନକ ଅନୁରୂପ ସ୍ୱୟଂକୁ କଷିଥାଏ, ତପାଇଥାଏ । ସର୍ବୋଚ୍ଚ ସତ୍ୟକୁ ନ ପାଇବା ପର୍ଯ୍ୟନ୍ତ ସେ ଏପରି କରିଥାଏ ।

ଏହି ସତ୍ୟର ଉପେକ୍ଷା କରି କର୍ମକାଣ୍ଡକୁ ହିଁ ପରମ ସତ୍ୟ ମାନିବା ଓ ତାହାକୁ ଜାବୁଡ଼ି ଧରିବା ଦ୍ୱାରା ଆମେ ବଡ଼ ଭୁଲ କରିଥାଉ ଏବଂ ଜୀବନର ସାର ତତ୍ତ୍ୱକୁ ଭୁଲିଯାଉ । ପୋଥିଗତ ଜ୍ଞାନ ଓ କଥା– ପ୍ରବଚନ ପର୍ଯ୍ୟନ୍ତ ଆମର ଜ୍ଞାନ ସୀମିତ ରହିଯାଏ, ଜୀବନରେ ଅବତରଣ କରିପାରେ ନାହିଁ । ଯେତେବେଳେ କି ମହର୍ଷିମାନଙ୍କ ଅନୁସାର ଶାସ୍ତ୍ରଗୁଡ଼ିକର ଶବ୍ଦ ଘଞ୍ଚ ଜଙ୍ଗଲ ଭଳି, ଯେଉଁଠି ବ୍ୟକ୍ତି ହଜିଯିବାର ଭୟ ଥାଏ ।

ସାଧନା ବିନା କେବଳ ପାଣ୍ଡିତ୍ୟ ଜୀବନରେ କାମ ଦିଏ ନାହିଁ, ଅଗ୍ନିପରୀକ୍ଷା ସମୟରେ ଏହା ନିଜର ଉଦ୍ଦେଶ୍ୟ ପୂରଣ କରିପାରେ ନାହିଁ । ଏମିତିରେ ଜିରାରୁ ସିରା ବାହାର କରିବା ଭଳି ତର୍କ-କୁତର୍କଗୁଡ଼ିକରେ ଜୀବନ ବିତିଯାଏ ଏବଂ କିଛି ସାର ତତ୍ତ୍ୱ ମିଳିପାରେ ନାହିଁ । ଅନ୍ତିମ ଶ୍ୱାସର ସହିତ ଶେଷରେ ଏଇ ଜୀବନ ବି ନଷ୍ଟ ହୋଇଯାଏ ।

ଭବନରେ ନିଆଁ ଲାଗିଯାଇଥିବା ବେଳେ ବିଦ୍ୱାନଗଣ ନିଆଁ ଲାଗିବାର କାରଣ ବିଷୟରେ ତର୍କବିତର୍କ କରୁଥିବା ପରି କଥା ହୋଇଥାଏ । ପୂରା ଭବନ ଜଳିପୋଡ଼ି ପାଉଁଶ ହୋଇଯିବା ଉପରେ, ଅଥଚ ବିବାଦ ଜାରି ରହିଥାଏ । ଆମେ ଧର୍ମର ସାର ଅଧ୍ୟାତ୍ମକୁ ବୁଝିବାକୁ ହେବ, କର୍ମକାଣ୍ଡଗୁଡ଼ିକର ସୀମାକୁ ଅନୁଭବ କରିବାକୁ ହେବ ଏବଂ ଏହାର ସାରତତ୍ତ୍ୱକୁ ଗ୍ରହଣ କରି ଆଗକୁ ବଢ଼ିବାକୁ ହେବ । ଏଣୁ ସାଧକ ଆତ୍ମତତ୍ତ୍ୱର ଯଥାର୍ଥକୁ ଜାଣିବାର ପ୍ରୟାସ କରିବା ଆବଶ୍ୟକ । ଶାସ୍ତ୍ରଗୁଡ଼ିକର ସାରକୁ ହୃଦୟଙ୍ଗମ କରି ସେଗୁଡ଼ିକୁ ଜୀବନରେ ଧାରଣ କରିବା ଉଚିତ ।

ଶାସ୍ତ୍ରଗୁଡ଼ିକର ଜ୍ଞାନ ଜୀବନରେ ଅବତରଣ କରୁଥିବାର ପରିଣାମ ସ୍ୱରୂପ ଜୀବନ ସରଳ ହେଉଥିବା, ସତ୍ୟ ଓ ଉତ୍ତମ ମାର୍ଗରେ ରସ ଆସୁଥିବା, ବିଦ୍ୱତ୍ତାର ଦମ୍ଭ – ଅହଂକାରରୁ ମୁକ୍ତି ମିଳୁଥିବା ଏବଂ ଜୀବନର ସଂଘର୍ଷ ପଥରେ ଯୋଦ୍ଧା ସାଜି ଆଗକୁ ବଢ଼ିବାର ସାହସ ଓ ବୀରତା ଜାଗ୍ରତ ହେଉଥିବାର ଦେଖାଯିବ । ଏଗୁଡ଼ିକର ଅଭାବରେ ବ୍ୟକ୍ତି ଜୀବନର ଯଥାର୍ଥରୁ ବଞ୍ଚିତ ରହିଯାଏ, ଜୀବନର ସତ୍ୟକୁ ସାମନା କରିପାରେ ନାହିଁ । କେତେକ ତ ଏତେ ଅଳସୁଆ, ପ୍ରମାଦୀ ହୋଇଯାନ୍ତି ଯେ ଧର୍ମ-ଅଧ୍ୟାତ୍ମ ନାଁରେ ସତ୍ୟ ବ୍ୟତୀତ ଅନ୍ୟ ସବୁ କିଛି କରିଥାନ୍ତି । ବାସ୍ତବରେ ଆଧ୍ୟାତ୍ମିକ ଜୀବନ ନିଜର ମୂଲ୍ୟ ମାଗିଥାଏ, ଯଦ୍ୱାରା ଆମେ ଏହାକୁ ପରିଶୋଧ କରିବାରେ କେତେ ପ୍ରସ୍ତୁତ ତାହା ଜାଣିହୁଏ ।

ଯେବେ ଲକ୍ଷ୍ୟ ସ୍ଥିର ହୋଇଯାଇଛି, ଗୁରୁଙ୍କ ଶରଣକୁ ଆସି ଯାଇଛେ, ତ ପୁଣି ଯାହା ବି ମୂଲ୍ୟ ଦେବାକୁ ପଡୁ ପଛକେ, ନୈଷ୍ଠିକ ସାଧକ ହୋଇ ଏହାକୁ ବଞ୍ଚିବାକୁ ପଡ଼ିବ, ପୂରା କରିବାକୁ ହେବ । ନିଜର କ୍ଷୁଦ୍ରତା, ସ୍ୱାର୍ଥ – ଅହଂକାର ପ୍ରଧାନ ନିମ୍ନ ବୃତ୍ତିଗୁଡ଼ିକୁ ତ୍ୟାଗ କରିବା ପାଇଁ ପ୍ରସ୍ତୁତ ରହିବାକୁ ହେବ । ଜଗତର ଗୋଲକଧନ୍ଦାରୁ ବାହାରି ଆସିବାର ସାହସ କରିବାକୁ ହେବ, ଯାହା କି ଜନ୍ମ-ଜନ୍ମାନ୍ତରର ଅଜ୍ଞାନ ଜନିତ ଅଭ୍ୟାସ ରୂପେ ଆମକୁ ଦ୍ୱନ୍ଦରେ ପକାଇ ପଙ୍ଗୁ କରି ଦେଉଛି । କର୍ମକାଣ୍ଡୀ ବିଡ଼ମ୍ବନା ଗୁଡ଼ିକରେ ଫସିଯିବା ପରିବର୍ତ୍ତେ ଆମେ ଗୁରୁଙ୍କ ଦ୍ୱାରା ନିର୍ଦ୍ଦେଶିତ ଅଧ୍ୟାତ୍ମ ପଥର ଅନୁସରଣ କରିବାକୁ ହେବ ।

ଆଧ୍ୟାତ୍ମିକ ପଥରେ ଭାବର ପାବନତା ଓ ଉଦାରତାକୁ ସାଧିବା ସହିତ ଇଚ୍ଛାଶକ୍ତିକୁ ସୁଦୃଢ଼ କରି, ମନକୁ ଉଚ୍ଚତର ମାର୍ଗରେ ଉର୍ଦ୍ଧ୍ୱଗାମୀ କରାଇବାକୁ ହୋଇଥାଏ । ସାଂସାରିକ ଉପଲବ୍ଧି ଓ ସୁଖ – ଭୋଗଗୁଡ଼ିକ ନିମନ୍ତେ ଆମେ ଦୈତ୍ୟ ଭଳି ଯେଉଁ ଏକାଗ୍ରତା ତଥା ଇଚ୍ଛାଶକ୍ତିର ପ୍ରୟୋଗ କରିଥାଉ, ସେଗୁଡ଼ିକୁ ଆତ୍ମା ଦିଗରେ ଉନ୍ମୁଖୀ କରିବାକୁ ହୋଇଥାଏ । ଯଦି ଆମକୁ ନିଜର ଦୁର୍ଦ୍ଦଶା ଓ ଭ୍ରମିତ ଦିଶାରେ ସ୍ୱଳ୍ପ ଅନୁଭବ ବି ହୋଇଯାଏ, ତେବେ ସେହି କ୍ଷଣି ଆମେ ଧର୍ମ ଓ ସତ୍ୟର ମାର୍ଗରେ ବଢ଼ିଯାଉ ।

ଏହାର ଚରମରେ ଈଶ୍ୱରଙ୍କ କୃପାର ଅବତରଣ ହୋଇଥାଏ, ଯାହା ସାଧନାକୁ ନୂତନ ଗତି ଦେଇଥାଏ ଏବଂ ତାହାର ଅବତରଣର ଆଧାରରେ ଅହଂକାର ନିର୍ମୂଳ, ଚିତ୍ତ ପରିଷ୍କାର ହୋଇଥାଏ । ତାହେଲେ ଆସନ୍ତୁ ଆମେ ଧର୍ମ-ଅଧ୍ୟାତ୍ମ ନାଁରେ ଚିହ୍ନପୂଜା ବା କର୍ମକାଣ୍ଡ ମଧ୍ୟରେ ସୀମିତ ନ ରହି, ଗୁରୁଙ୍କର ବାସ୍ତବିକ ଇଚ୍ଛାକୁ ଜାଣିବା, ତାଙ୍କ ନିର୍ଦେଶିତ ସାଧନା ପଥକୁ ପ୍ରାଣପଣେ ପାଳନ କରିବା, ତାଙ୍କର କୃପା ଆହ୍ୱାନ କରିବା, ତାପରେ ଦେଖୁବା ତାଙ୍କ କୃପା ସହିତ ଆଧ୍ୟାତ୍ମିକ ସତ୍ୟ କିପରି ଆମ ଜୀବନର ଅଙ୍ଗ ହୋଇଯାଉଛି ଏବଂ ଆମେ ତାଙ୍କର ଏକ ଯନ୍ତ୍ର ରୂପେ ନିଜର ଅକିଞ୍ଚନ, ଅଥଚ ସାର୍ଥକ ଯୋଗଦାନ ଦେଇପାରୁଛେ ।

# ଧାନରୁ ଆନନ୍ଦ ଦିଗରେ

ମହାଯୋଗୀ ଶ୍ରୀ ଅରବିନ୍ଦ ସ୍ପଷ୍ଟ କରି କହିଛନ୍ତି- 'କେବଳ ମନ ଆଧାରିତ ମନୁଷ୍ୟ ସନ୍ତୁଷ୍ଟ ଓ ସମୃଦ୍ଧ ହୋଇ ନ ପାରେ । ସନ୍ତୁଷ୍ଟି, ସମୃଦ୍ଧି ଓ ଆନନ୍ଦ ପ୍ରାପ୍ତି ହେତୁ ମନୁଷ୍ୟକୁ ମନରୁ ଆତ୍ମା ଦିଗରେ ଯାତ୍ରା କରିବାକୁ ହେବ । ବ୍ୟକ୍ତିଗତ ଚେତନାକୁ ଦିବ୍ୟ ଚେତନା ସହିତ ସମାହିତ ହେବାକୁ ପଡ଼ିବ । ବାସ୍ତବରେ ମନ ଆଧାରିତ ଜୀବନ ସଂକୁଚିତ ଓ ସଂକୀର୍ଣ୍ଣ ହୋଇଥାଏ । ମନ ଆଧାରିତ ମନୁଷ୍ୟ ମନର ଇସାରାରେ ହିଁ ନାଚେ, ଗାଏ, ହସେ, କାନ୍ଦେ ଓ ଜଗତ ସହିତ ବ୍ୟବହାର, ଲୋକ ବ୍ୟବହାର କରିଥାଏ । ସେଥିପାଇଁ ମନୁଷ୍ୟକୁ ବାସ୍ତବିକ ସୁଖ, ଶାନ୍ତି, ସମୃଦ୍ଧି ଓ ଆନନ୍ଦର ଉପଲବ୍ଧି ହୋଇ ପାରେ ନାହିଁ । ଶାଶ୍ୱତ ସୁଖ-ଶାନ୍ତି, ସମୃଦ୍ଧି ଓ ଆନନ୍ଦର ସ୍ରୋତ ମନ ନୁହେଁ, ବରଂ ଆତ୍ମା । ତେଣୁ ଯେତେବେଳେ ସାଧନାର ନିରନ୍ତର ଅଭ୍ୟାସ ଦ୍ୱାରା ମନ ନିୟନ୍ତ୍ରିତ ହୋଇ ଆତ୍ମାରେ ସମାହିତ ହୋଇଯାଏ, ସେତେବେଳେ ମନୁଷ୍ୟକୁ ପ୍ରତିକ୍ଷଣ ଆତ୍ମସନ୍ତୁଷ୍ଟି, ଆତ୍ମସୁଖ ଓ ଆତ୍ମିକ ଆନନ୍ଦର ଉପଲବ୍ଧି, ଅନୁଭୂତି ହୋଇଥାଏ ।

ମନ ଆତ୍ମା ସହିତ ଯୁକ୍ତ ନ ହେବା, ଆତ୍ମା ଦ୍ୱାରା ସଞ୍ଚାଳିତ ନ ହେବା ପର୍ଯ୍ୟନ୍ତ ସେ ଚଞ୍ଚଳ ଓ ଅନିୟନ୍ତ୍ରିତ ହିଁ ହୋଇଥାଏ, ଫଳସ୍ୱରୂପ ସେ ମନୁଷ୍ୟ ଜୀବନରେ ନାନାବିଧ ଦ୍ୱନ୍ଦ, ଦୁଃଖ, କଷ୍ଟକୁ ଆକର୍ଷିତ ଓ ନିୟନ୍ତ୍ରିତ କରିଥାଏ । ଏପରି ହେବା ଦ୍ୱାରା ମନୁଷ୍ୟର ଜୀବନ କଷ୍ଟ ଓ କଠିନତାରେ ଭରିଯାଏ । ସବୁ ଖେଳ ମନର । ମନର ଖେଳକୁ ବୁଝିବା ଆବଶ୍ୟକ । ଆମର ଅଚେତନ ମନରେ କର୍ମର ସଂସ୍କାର, ସ୍ମୃତିଗୁଡ଼ିକର ସଂସାର ରହିଛି ଏବଂ ଆମ ମନ ଭିତରେ ଏହି ସଂସାର ଥିବା ପର୍ଯ୍ୟନ୍ତ ଆମକୁ ଶାନ୍ତ, ସମୃଦ୍ଧି ଓ ସନ୍ତୁଷ୍ଟି ମିଳି ପାରିବ ନାହିଁ । ମନରେ ବସିଥିବା ଏହି ସଂସାର ବଡ଼ ବିଚିତ୍ର ।

ଏଥିରେ ଅନେକ କଟୁ ଓ ମଧୁର ସ୍ମୃତି ରହିଥାଏ, ଭଲ-ମନ୍ଦ କର୍ମଗୁଡ଼ିକର ସଂସ୍କାରର ଭଣ୍ଡାର ରହିଥାଏ ସେଥିପାଇଁ ଯେବେ ଆମେ ଏକାନ୍ତରେ ବସି ଶାନ୍ତ ଚିତ୍ତ ହେବାର ପ୍ରୟାସ କରିଥାଉ ତ ମନ ଭିତରେ ବସିଥିବା ସଂସାରର ଛବିଗୁଡ଼ିକ ଚଳଚ୍ଚିତ୍ର ଭଳି ଆମ ସମ୍ମୁଖରେ ଗୋଟିଏ ପରେ ଗୋଟିଏ ଦୃଶ୍ୟମାନ ହୋଇଥାଏ, ଯାହାକୁ ଆମେ ମନର ଆଖିରେ ଦେଖିଥାଉ ।

କୌଣସି ଦୃଶ୍ୟକୁ ଦେଖିଲେ ଆମକୁ ଦୁଃଖ ଲାଗେ, ତ କୌଣସି ଦୃଶ୍ୟକୁ ଦେଖି ସୁଖ ମିଳିଥାଏ । କୌଣସି ଦୃଶ୍ୟକୁ ଦେଖି ଘୃଣା ଜାତ ହୁଏ, ତ କେଉଁ ଦୃଶ୍ୟ ଦେଖିଲେ ଆମକୁ ଲଜ୍ଜା ଲାଗେ । କୌଣସି କଥାକୁ ମନେ ପକାଇ ଆମେ କାନ୍ଦିବାରେ ଲାଗୁ, ତ କୌଣସି ଘଟଣାକୁ ମନେ ପକାଇ ଆମେ ହସିଥାଉ । କୌଣସି ଘଟଣାକୁ ମନେ ପକାଇ ଆମେ ଲଜ୍ଜିତ ହୋଇଥାଉ, ତ କୌଣସି ଘଟଣାର ସ୍ମୃତିରେ ଆମେ ସୁଖୀ ହୋଇଥାଉ ତଥା କୌଣସି ଘଟଣାର ସ୍ମୃତି ଆମକୁ ଦୁଃଖ ଦେଇଥାଏ । ଏହିପରି କୌଣସି ଘଟଣାକୁ ମନେ ପକାଇ ଆମେ କ୍ରୋଧରେ ଭରିଯାଉ ଏବଂ ସେହି ଘଟଣା ସହ ଜଡ଼ିତ ବ୍ୟକ୍ତିର ପ୍ରତିଶୋଧ ନେବା କଥା ଚିନ୍ତା କରୁ । କୌଣସି ମଧୁର ସ୍ମୃତିର ସ୍ମରଣ ମାତ୍ରେ ଆମେ ସେହି ସ୍ମୃତିଗୁଡ଼ିକ ସହିତ ଜଡ଼ିତ ବ୍ୟକ୍ତିମାନଙ୍କ ପ୍ରତି, ବସ୍ତୁଗୁଡ଼ିକ ପ୍ରତି ପୁନଃ ଆକର୍ଷିତ ହୋଇ ସେଗୁଡ଼ିକୁ ପାଇବା ପାଇଁ ଆକୁଳ ହୋଇଉଠୁ ଏବଂ ସେହି ବ୍ୟକ୍ତିମାନଙ୍କ ପ୍ରତି, ବସ୍ତୁଗୁଡ଼ିକ ପ୍ରତି ଆସକ୍ତ ହୋଇଯାଉ ।

ଗୋଟିଏ ସଂସାର ଆମକୁ ବାହାରୁ ଦେଖାଯାଏ, ଯେଉଁଥିରେ ଘର, ଦୋକାନ, ରେଳ, ସଡକ, ବାୟୁଯାନ, ଯାନବାହନ, ଆକାଶ, ନଦୀ, ସମୁଦ୍ର, ବନ, ଉପବନ, ବାଡ଼ିବଗିଚା, କ୍ଷେତ, ସୂର୍ଯ୍ୟ, ଚନ୍ଦ୍ର, ମନୁଷ୍ୟ, ପଶୁପକ୍ଷୀ ଆଦି ଦେଖାଯାନ୍ତି ଏବଂ ଆଉ ଗୋଟିଏ ସଂସାର ଆମ ମନରେ ରହିଛି, ବସିଛି, ଯାହାର ଆମ ଉପରେ ଆଧିପତ୍ୟ ଥାଏ, ଅଧାର ଥାଏ ତଥା ନିଜର ପ୍ରଭାବ ଦ୍ୱାରା ସେ ଆମକୁ କେବେ କାନ୍ଦିବା ତ କେବେ ହସିବା, କେବେ ସୁଖୀ ତ କେବେ ଦୁଃଖୀ ହେବା ପାଇଁ ବିବଶ କରିଥାଏ ।

ତାହା କେବେ ଭଲ ତ କେବେ ମନ୍ଦ, କେବେ ଶୁଭ ତ କେବେ ଅଶୁଭ, କେବେ ପୁଣ୍ୟ ତ କେବେ ପାପକର୍ମ କରିବା ପାଇଁ ଆମକୁ ବିବଶ କରିଥାଏ । ସେଥିପାଇଁ ଆମେ ବାସ୍ତବିକ ସୁଖ-ଶାନ୍ତି, ସମୃଦ୍ଧି ଓ ଆନନ୍ଦରୁ ବଞ୍ଚିତ ରହିଥାଉ । କେବେ ଆମେ ଲକ୍ଷ ଲକ୍ଷ ଲୋକଙ୍କ ଭିଡ଼ ମଧ୍ୟରେ ସ୍ୱୟଂକୁ ଏକାକୀ ପାଇଥାଉ ତ କେବେ ଏକାକୀ, ଏକାନ୍ତରେ ଥାଇ ବି ନିଜେ ନିଜକୁ ନିଜ ମନ ଭିତରେ ବସିଥିବା ସଂସ୍କାର, ସ୍ମୃତିଗୁଡ଼ିକର ଭିଡ଼ ଭିତରେ ପାଇଥାଉ ଓ ହଇରାଣ ହୋଇଥାଉ । ଯେପର୍ଯ୍ୟନ୍ତ ମନ ଭିତରେ ଏହି ସଂସାର ବସିଥିବ, ସେପର୍ଯ୍ୟନ୍ତ ଆମେ ସୁଖ-ଦୁଃଖ, ହର୍ଷ –ବିଷାଦ, ମାନ-ଅପମାନର ଦ୍ୱନ୍ଦରେ ଘେରି ରହିଥିବା ଏବଂ ଦୁଃଖୀ ଓ ହଇରାଣ ହେଉଥିବା ଏହି ଦ୍ୱନ୍ଦଗୁଡ଼ିକରୁ ମୁକ୍ତ ହୋଇଯିବା ପରେ ହିଁ ବାସ୍ତବିକ ସୁଖ-ଶାନ୍ତି ଓ ସମୃଦ୍ଧିକୁ ପାଇବା ସମ୍ଭବ, କିନ୍ତୁ ଏହା ସେତେବେଳେ ସମ୍ଭବ ହେବ, ଯେତେବେଳେ ମନରେ ବସିଥିବା ଏହି ସଂସାର ସଦାସର୍ବଦା ପାଇଁ ସମାପ୍ତ ହୋଇଯିବ ଏବଂ ସଂସ୍କାରଗୁଡ଼ିକର ସଂସାରରୁ ମୁକ୍ତ ହୋଇ ମନ ଆତ୍ମା ସହିତ ଯୁକ୍ତ ହୋଇଯିବ । ସେତେବେଳେ ଆମକୁ ଆତ୍ମାରୁ ନିଃସୃତ ଆନନ୍ଦ ଓ ଜ୍ଞାନର ଉପଲବ୍ଧି ହୋଇ ପାରିବ । ମନକୁ ସଂସ୍କାରଗୁଡ଼ିକର ସଂସାରରୁ ମୁକ୍ତ କରି ଆତ୍ମା ସହିତ ଯୁକ୍ତ କରିବାର ବଡ଼ ପ୍ରଭାବଶାଳୀ ସାଧନ ହେଉଛି- ଧାନ ।

ମନରେ ପରମାତ୍ମାଙ୍କ ଧାନ କରିବା ଦ୍ୱାରା ତନ୍ମଧ୍ୟରେ ବସିଥିବା କର୍ମ-ସଂସ୍କାରଗୁଡ଼ିକର ସଂସାର ବିଲୁପ୍ତ ହୋଇଯାଏ, ମନ ନିର୍ମଳ ହୋଇଯାଏ, ପୁଣି ସେହି ନିର୍ମଳ ମନ ଦ୍ୱାରା ଆତ୍ମାରେ ପରମାତ୍ମାଙ୍କ ସାକ୍ଷାତ୍କାର ହେବାରେ ଲାଗେ । ଆତ୍ମାରୁ ଆନନ୍ଦ, ଜ୍ଞାନ, ପ୍ରେମ ନିଃସୃତ ହୁଏ । ଧାନର ଅଭ୍ୟାସ ଦ୍ୱାରା ଅହଂର ବିସର୍ଜନ, ଚେତନାର ଜାଗରଣ ଓ ଜୀବନର ରୂପାନ୍ତରଣ ହେବାରେ ଲାଗେ । ଆତ୍ମା-ପରମାତ୍ମାଙ୍କ ମିଳନ-ସଂଯୋଗକୁ ହିଁ ପରମାନନ୍ଦ କୁହାଯାଏ । ଆତ୍ମା –ପରମାତ୍ମାଙ୍କ ମିଳନ-ସଂଯୋଗରୁ ହିଁ ମନୁଷ୍ୟର ପରମାନନ୍ଦ ଅନୁଭୂତି ହୋଇଥାଏ । ବିଷୟଗୁଡ଼ିକରୁ ମିଳୁଥିବା ସୁଖରେ ମନୁଷ୍ୟ କେବେହେଲେ ତୃପ୍ତ ହୁଏ ନାହିଁ, କେବେ ବି ସନ୍ତୋଷ ପାଏ ନାହିଁ ଏବଂ ତା'ର ଶକ୍ତି ସର୍ବଦା ନଷ୍ଟ ହୋଇଥାଏ, କିନ୍ତୁ ଆତ୍ମାରେ ବ୍ରହ୍ମଙ୍କର ସତତ ଧାନ କରୁ କରୁ ସାଧକକୁ ସହଜରେ ଆତ୍ମାରେ ବ୍ରହ୍ମଙ୍କ ସଂସ୍ପର୍ଶରୁ ପରମାନନ୍ଦର ଅନୁଭୂତି ହୋଇଥାଏ ଏବଂ ସେ ତୃପ୍ତି, ତୁଷ୍ଟି ଓ ଶାନ୍ତି ପାଇଥାଏ । ମୁଁ କେବଳ ଦେହ ନୁହେଁ । ମୁଁ ବ୍ରହ୍ମସ୍ୱରୂପ, ମୁଁ ବ୍ରହ୍ମ– ଏହି ଭାବର ସତତ ଅଭ୍ୟାସ, ସ୍ମରଣ, ଧାନ କରୁ କରୁ ସାଧକ ସେହି ବ୍ରହ୍ମଙ୍କ ଠାରେ ସ୍ଥିତ ହୋଇଯାଏ । ଅଭିନ୍ନ ଭାବରେ ସତତ ବ୍ରହ୍ମଙ୍କ ଠାରେ ସ୍ଥିତ ସାଧକକୁ ବ୍ରହ୍ମଭୂତ କହନ୍ତି । ଏଣୁ ପରମାତ୍ମାଙ୍କର ସତତ ଚିନ୍ତନ, ଧାନ କରୁ କରୁ ମନ ଆଧାରିତ ମନୁଷ୍ୟ ଆତ୍ମା ଦିଗରେ ଅଗ୍ରସର ହୋଇପାରେ ଓ ପରମାନନ୍ଦ ପ୍ରାପ୍ତ କରିପାରେ, ଏକଥା ସ୍ପଷ୍ଟ । ପରମାନନ୍ଦ ପ୍ରାପ୍ତି ସେତେବେଳେ ସମ୍ଭବ ହୁଏ, ଯେତେବେଳେ ମନ ଚଞ୍ଚଳ ହୋଇ ଏଣେତେଣେ ଭ୍ରମିତ ହୁଏ ନାହିଁ, ମନରେ କୌଣସି ପ୍ରକାର ବିକାର ଉତ୍ପନ୍ନ ହୁଏ ନାହିଁ, ମନ ସମ୍ପୂର୍ଣ୍ଣ ନିର୍ମଳ ଥାଏ ଓ ମନ ବ୍ରହ୍ମମୟ ହୋଇଯାଏ । ବ୍ରହ୍ମମୟ ହୋଇଯିବା ପରେ ମନ ଥରେ ବ୍ରହ୍ମଙ୍କ ପରମ ସୌନ୍ଦର୍ଯ୍ୟ ଓ ପରମାନନ୍ଦର ରସାସ୍ୱାଦନ କରିନେଲେ ତାକୁ ସମସ୍ତ ବିଷୟଭୋଗ ରସହୀନ ଓ ତୁଚ୍ଛ ମନେହୁଏ ତଥା ମନର ସହଜ ବୃତ୍ତି ବ୍ରହ୍ମମୟ ହୋଇଯାଏ ।

ଶ୍ରୀରାମକୃଷ୍ଣ ପରମହଂସ କହୁଥିଲେ- 'ଥରେ ଯିଏ ବ୍ରହ୍ମାନନ୍ଦ ରସର ସ୍ୱାଦ ଚାଖିଲା, ତାକୁ ରମ୍ଭା ଓ ତିଳୋତ୍ତମା ବି ଚିତାର ଭସ୍ମ ସମାନ ପ୍ରତୀତ ହୁଅନ୍ତି । ଏଣୁ ବ୍ରହ୍ମଙ୍କ ଧାନ, ସ୍ମରଣ, ଭଜନ, ଭକ୍ତି କରିଚାଲିବା ଦ୍ୱାରା ହିଁ ମନର ବୃତ୍ତିଗୁଡ଼ିକ ସମାପ୍ତ ହୋଇଯାଏ, ସାଂସାରିକ ଆସକ୍ତିଗୁଡ଼ିକ ସମାପ୍ତ ହୋଇଯାଏ ଏବଂ ମନରେ ଭଗବାନଙ୍କ ପ୍ରତି ପ୍ରେମ ଓ ଅନୁରାଗ ଉତ୍ପନ୍ନ ହୋଇଥାଏ । ତେଣୁ ମନକୁ ବ୍ରହ୍ମମୟ କରିବା ପାଇଁ ମନକୁ ଆତ୍ମା ସହ ଯୁକ୍ତ କରିବା ଆବଶ୍ୟକ । ଗୀତାକାର ଭଗବାନ ଶ୍ରୀକୃଷ୍ଣ ଗୀତା (୬.୨୮)ରେ କହିଛନ୍ତି –

ଯୁଞ୍ଜନ୍ନେବଂ ସଦାତ୍ମାନଂ ଯୋଗୀ
ବିଗତକଳ୍ମଷଃ ।
ସୁଖେନ ବ୍ରହ୍ମସଂସ୍ପର୍ଶମତ୍ୟନ୍ତଂ
ସୁଖମଶ୍ନୁତେ ।।

ପାପ ରହିତ ଯୋଗୀ ନିଜର ମନକୁ ସବୁ ଦିନ ପାଇଁ ଆତ୍ମା ସହିତ ଯୁକ୍ତ କରି, ନିରନ୍ତର ଆତ୍ମାକୁ ପରମାତ୍ମାଙ୍କ ସହିତ ଲଗାଇ ସହଜରେ ହିଁ ବ୍ରହ୍ମ ସଂସ୍ପର୍ଶ ଅର୍ଥାତ୍ ପରବ୍ରହ୍ମ ପରମାତ୍ମାଙ୍କ ପ୍ରାପ୍ତି ରୂପେ ଅନନ୍ତ ଆନନ୍ଦର ଅନୁଭବ କରିଥାଏ ।

ଧାନର ଫଳସ୍ୱରୂପ ସାଧକକୁ ପରମାନନ୍ଦ ପ୍ରାପ୍ତି ସଙ୍ଗେ ସଙ୍ଗେ ଭୌତିକ ସୁଖର ପ୍ରାପ୍ତି ମଧ ହୋଇଥାଏ । ଧାନ ପ୍ରଭାବରେ ମନୁଷ୍ୟର ମନ ଓ ତନ୍ତୁ, ଉଭୟ ସୁସ୍ଥ ହୋଇଥାଏ । ମନୋବଳ, ଆତ୍ମବଳର ବୃଦ୍ଧି ହୋଇଥାଏ, ଯଦ୍ୱାରା ତାକୁ ଭୌତିକ କ୍ଷେତ୍ରରେ ମଧ ସର୍ବତ୍ର ସଫଳତା ପ୍ରାପ୍ତ ହୋଇଥାଏ । ସେ କୁଣ୍ଠା, ଚାପ, ଅବସାଦ, ଚିନ୍ତା, ଉଦ୍‌ବିଗ୍ନତା ଆଦି ମାନସିକ ବ୍ୟାଧି ଓ ନାନାବିଧ ମନୋକାୟିକ ରୋଗଗୁଡ଼ିକରୁ ମୁକ୍ତ ହୋଇ ଉତ୍ତମ ସ୍ୱାସ୍ଥ୍ୟ ଲାଭ ସହିତ ଭୌତିକ ସୁଖ ପ୍ରାପ୍ତ କରିଥାଏ ।

ମନୋଚିକିତ୍ସକ ଫ୍ରିୟଡଙ୍କ ଅନୁସାର ଅଚେତନ ମନରେ ଦମିତ, ଉପେକ୍ଷିତ ଏବଂ ଅବ୍ୟବସ୍ଥିତ ବିଚାରଗୁଡ଼ିକର ଏକତ୍ରୀକରଣ ହେବା କାରଣରୁ ବିଧ୍ୱଂସକ ଓ କୁଣ୍ଠିତ ଭାବନାଗୁଡ଼ିକର କେନ୍ଦ୍ରୀକରଣ ହେବାରେ ଲାଗେ, କିନ୍ତୁ ଧାନର ନିରନ୍ତର ଅଭ୍ୟାସ ଫଳରେ ମନ ଭିତରେ ଦବି ରହିଥିବା ଏବଂ ଦମିତ ବିଚାର ଚେତନାର ତଳରେ ଆସି ବିସର୍ଜିତ ଓ ବିଲୀନ ହୋଇଯାଏ ।

ଅଚେତନ ମନରେ ଦମିତ, ଉପେକ୍ଷିତ ବିଚାର, ବିକାର, ଇଚ୍ଛାଗୁଡ଼ିକ କାରଣରୁ ବିଧ୍ୱଂସକ ଓ କୁଣ୍ଠିତ ଭାବନାଗୁଡ଼ିକର ଧ୍ରୁବୀକରଣ ହେବାରେ ଲାଗେ, ଯାହାର ପ୍ରଭାବରେ ପଡ଼ି ମନୁଷ୍ୟ ନାନାବିଧ କୁକର୍ମ କରିବାକୁ ପ୍ରେରିତ ହୋଇଥାଏ । ନାନାବିଧ ମାନସିକ, ଶାରୀରିକ ବ୍ୟାଧିର ଶିକାର ହୋଇଥାଏ, ତେଣୁ ଧାନର ପ୍ରଭାବରେ ଅଚେତନ ମନର ପରିଷ୍କାର ହେଲେ ମନୁଷ୍ୟ ମାନସିକ ଓ ଶାରୀରିକ ବ୍ୟାଧିଗୁଡ଼ିକରୁ ବି ମୁକ୍ତ ହୋଇଯାଏ । ଶରୀର ଓ ମନରେ ସୁସ୍ଥ ଓ ପ୍ରସନ୍ନ ହୋଇଯାଏ । ସେଥିପାଇଁ ଧାନ ଦ୍ୱାରା ଶାରୀରିକ-ମାନସିକ ସ୍ୱାସ୍ଥ୍ୟର ଉପଲବ୍ଧି ସଙ୍ଗେ ସଙ୍ଗେ ଆତ୍ମିକ ଜ୍ଞାନ ଓ ଆତ୍ମିକ ଆନନ୍ଦର ଉପଲବ୍ଧି ବି ହୋଇଥାଏ । ମନ ଆତ୍ମାରେ ସମାହିତ ହେବା କ୍ଷଣି ସାଧକ ସ୍ୱୟଂକୁ ସତ୍-ଚିତ୍-ଆନନ୍ଦ ସ୍ୱରୂପ ଆତ୍ମାରେ ଅବସ୍ଥିତ ଥିବାର ପାଇଥାଏ ଏବଂ ଆତ୍ମାରେ ଅବସ୍ଥିତ ହେବା କାରଣରୁ ଅର୍ଥାତ୍ ନିଜର ବାସ୍ତବିକ ସ୍ୱରୂପରେ ଅବସ୍ଥିତ ହେବା କାରଣରୁ ସେ ସମ୍ପୂର୍ଣ୍ଣ ରୂପେ ନିର୍ଭୟ ହୋଇଯାଏ ଆତ୍ମା ପରମାତ୍ମାଙ୍କର ଅଂଶ ବୋଲି ସେ ଅନୁଭବ କରିବାରେ ଲାଗେ । ଆତ୍ମା ସତ୍ୟ, ସନାତନ ଓ ପୁରାତନ ହେବା କଥା ବୁଝିଯାଏ । ଫଳସ୍ୱରୂପ ସେ ମୃତ୍ୟୁର ଭୟରୁ ବି ମୁକ୍ତ ହୋଇଯାଏ ।

ସନ୍ଥ କବୀର କହିଛନ୍ତି –

ଜିସ ମରନେ ସେ ଜଗ ଡରେ,
ମେରେ ମନ ଆନନ୍ଦ ।
ମରନେ ହୀ ତେ ପାଇଏ ଦୂରନ
ପରମାନନ୍ଦ ।।

ସେତେବେଳେ ଧାନ ସାଧକ ସକାଶେ 'ଆତ୍ମା ଅଜର, ଅମର ହେବା, ଆତ୍ମା ଆନନ୍ଦ ଓ ସୌନ୍ଦର୍ଯ୍ୟର ସ୍ରୋତ ହେବା' ଆଦି କୌଣସି ଶୁଣାଶୁଣିର କଥା ହୋଇ ରହିଯାଏ ନାହିଁ ; କାରଣ ସେ ଆତ୍ମାରେ ଅବସ୍ଥିତ ହୋଇ ପ୍ରତି ମୁହୂର୍ତ୍ତରେ ଆନନ୍ଦ ଓ ସୌନ୍ଦର୍ଯ୍ୟକୁ ଜିଇଥାଏ, ଅନୁଭବ କରିଥାଏ ।

ସାଧାରଣ ମନୁଷ୍ୟକୁ ପ୍ରତିକ୍ଷଣ କିଛି ହରାଇବା, ଧନ ହରାଇବା, ବେମାର ହେବା ବା ମରିବାର ଭୟ କଷ୍ଟ ହେଉଥାଏ, କିନ୍ତୁ ଆତ୍ମା ଅମର ହେବାର ଅନୁଭବ ହେବା ମାତ୍ରେ ସାଧକର କୌଣସି ଭୟ ରହେ ନାହିଁ । ସେ ନିର୍ଭୟ ହୋଇଯାଏ । ଧାନର ନିରନ୍ତର ଅଭ୍ୟାସ ଫଳରେ ଆତ୍ମା ଓ ବ୍ରହ୍ମଙ୍କ ଏକତାର ଅନୁଭବ ପାଇନେବା କାରଣରୁ ସାଧକ ଜୀବନରେ କୌଣସି ପ୍ରକାରର କିଛି ବି ଭୟ ରହେ ନାହିଁ । ସେ ଏ ସଂସାରରେ ନିର୍ଭୟ ହୋଇ ବଞ୍ଚିଥାଏ ଏବଂ ପ୍ରତିକ୍ଷଣ ଆତ୍ମିକ ସୁଖ-ଶାନ୍ତି ଓ ଆନନ୍ଦର ଅନୁଭୂତି ପାଇଥାଏ ।

ସ୍ୱାମୀ ବିବେକାନନ୍ଦଙ୍କ ଅନୁସାରେ– 'ଧାନ ମନକୁ ଆସୁଥିବା ସମସ୍ତ ପ୍ରକାର ବିଚାର ତରଙ୍ଗ ଓ ଦୁନିଆ ଯାକର ମାୟା–ମୋହରୁ ମୁକ୍ତି ଦେଇଥାଏ । ମନକୁ ଆତ୍ମାରେ ସମାହିତ କରିଥାଏ । ଏହା ଦ୍ୱାରା ଆମ ଚେତନାର ବିସ୍ତାର ହୋଇଥାଏ ଏବଂ ଆମକୁ ଆତ୍ମବୋଧର ଉପଲବ୍ଧି ହୋଇଥାଏ । ଏଣୁ ଆମେ ମଧ ପ୍ରତିଦିନ ୧୦ ରୁ ୧୫ ମିନିଟ ଧାନ କରିବା ଆବଶ୍ୟକ । ନିଜ ମନରେ ନିତ୍ୟ ପରମାତ୍ମାଙ୍କର ଧାନ କରୁଥିବା ଦରକାର । ମନ ଯେତେ ଯେତେ ଧାନରେ ବୁଡ଼ି ଚାଲିବ, ଆତ୍ମାରେ ପରମାତ୍ମାଙ୍କ ଅନୁଭବ ସ୍ୱୟଂ ଅବତରଣ କରିଚାଲିବ । ହଁ, ଧୀରେ ଧୀରେ ଧାନର ଅଭ୍ୟାସକୁ ୧୫ ମିନିଟରୁ ବଢ଼ାଇ ଘଣ୍ଟାଏ ପର୍ଯ୍ୟନ୍ତ କରାଯାଇପାରେ । କୌଣସି ସରୋବର, ନଦୀ, ତୀର୍ଥସ୍ଥାନ, ପବିତ୍ର ସ୍ଥାନ ବା ପ୍ରକୃତିର କୋଳରେ ବସି ଧାନର ଅଭ୍ୟାସ କରାଯାଇ ପାରେ । ନିଜର ରୁଚି ଅନୁସାର ହୃଦୟରେ ସଗୁଣ ବା ନିର୍ଗୁଣ ବ୍ରହ୍ମଙ୍କର ଧାନ କରାଯାଇପାରେ ଏବଂ ଧାନର ନିରନ୍ତର ଅଭ୍ୟାସ ଫଳରେ ନିଶ୍ଚିତ ରୂପେ ଶାରୀରିକ– ମାନସିକ ସ୍ୱାସ୍ଥ୍ୟ ସହିତ ଶାଶ୍ୱତ ସୁଖ, ଶାନ୍ତି, ଆନନ୍ଦ ଓ ଭଗବତ୍ ପ୍ରାପ୍ତି କରାଯାଇପାରେ । ଏଥିରେ କୌଣସି ସନ୍ଦେହ କି ସଂଶୟ ନାହିଁ । ତାହେଲେ ଆମେ ବି କାହିଁକି ଧାନ ଦ୍ୱାରା ଆନନ୍ଦ ଦିଗରେ ଅଗ୍ରସର ହେବା ନାହିଁ ।

---

## ଆଜିର ଚିନ୍ତନ

**ସା**ଧନା- ଉପାସନା ସେହି ପୁରୁଷାର୍ଥର ନାମ, ଯାହା ମାଧ୍ୟମରେ ଆତ୍ମିକ ବିଭୂତିଗୁଡ଼ିକୁ ହସ୍ତଗତ କରି ପାରିବା ଆମ ପାଇଁ ସମ୍ଭବ ହୋଇଥାଏ । ଏହି ପଥରେ ଚାଲୁଥିବା ଲୋକେ ନିଜ ଜୀବନରେ ଉଚ୍ଚକୁ ଉଠି ନିଜର ଗୁଣ, କର୍ମ, ସ୍ୱଭାବ ଓ ଦୃଷ୍ଟିକୋଣକୁ ପରିଷ୍କାର କରିଥାନ୍ତି, ପ୍ରସୁପ୍ତ ସାମର୍ଥ୍ୟକୁ ଜାଗ୍ରତ କରନ୍ତି ଏବଂ ଆକାଂକ୍ଷା, ମାନ୍ୟତା ତଥା ଭାବନାଗୁଡ଼ିକୁ ଉଚ୍ଚସ୍ତରୀୟ କରିଥାନ୍ତି ।

ଏଥି ନିମନ୍ତେ ଜୀବସତ୍ତାର ଅନ୍ତରାତ୍ମାକୁ ସ୍ପର୍ଶ କରୁଥିବା ପରମାତ୍ମଅଂଶକୁ ଚିହ୍ନିବା ଦରକାର ଏବଂ ତାହାକୁ ହୃଦୟଙ୍ଗମ କରିବାର ପ୍ରଯତ୍ନ କରିବା ଆବଶ୍ୟକ । ଏହି ଗୋଟିଏ ଭାବର ବିକାଶକୁ ଉପାସନାର ମୂଳ ଆଧାର ମାନିବା ଉଚିତ ।

ସତ କହିବାକୁ ଗଲେ ଉପାସନା ବସ୍ତୁତଃ ଭାବ ବିଜ୍ଞାନର ଏଭଳି ଉଚ୍ଚସ୍ତରୀୟ ସ୍ଥିତି, ଯେଉଁଥରେ ସାଧକକୁ ମନଃସ୍ଥିତି ଅନୁରୂପ ନିଜର ମାଧ୍ୟମ ବାଛିବାକୁ ହୋଇଥାଏ । ସତତ ପରିଷ୍କାରର ସୋପାନଗୁଡ଼ିକୁ ଚଢ଼ି ସାଧକ ଶେଷରେ ଏପରି ଆତ୍ମିକ ଅବସ୍ଥା ପ୍ରାପ୍ତ କରିନିଏ, ଯେଉଁଥିରେ ସେ ପରମ ସତ୍ତାଙ୍କୁ ଉତ୍କୃଷ୍ଟ ସଂବେଦନା ରୂପେ ଅନୁଭବ କରିଥାଏ ।

ଏହି ସଦ୍‌ଭାବ ପୂର୍ଣ୍ଣ ଆତୁରତା ହିଁ ସାଧନାତ୍ମକ ପ୍ରୟାସର ପରାକାଷ୍ଠା, ଆମର ଉପାସନା ସଫଳ ହୋଇପାରୁଛି କି ନାହିଁ ? ଏହାର ଏକମାତ୍ର ମାନଦଣ୍ଡ ହେଉଛି, ନିଜକୁ ଅଧିକାଧିକ ପରିଷ୍କୃତ କରିବାର ଆକାଂକ୍ଷା ଜାଗ୍ରତ କରିବା ଏବଂ ଏଥିପାଇଁ ଉତ୍କଟ ଅଭୀପ୍ସା, ତୀବ୍ର ଆତୁରତାକୁ କ୍ରମଶଃ ବିକଶିତ କରିବା ।

ଏପରି ବ୍ୟକ୍ତି ନିଜକୁ ବିଶ୍ୱ ନାଗରିକ ମାନିଥାଏ ଏବଂ ସ୍ରଷ୍ଟାଙ୍କର ଏହି ଉଦ୍ୟାନକୁ ଆହୁରି ଅଧିକ ସୁନ୍ଦର ଓ ସୁବିକଶିତ କରାଇବାର ପ୍ରଯତ୍ନରେ ଲାଗିଥାଏ । ଯାହାର ହୃଦୟରେ ଆସ୍ତିକତାର ଏହି ଚରମ ସ୍ଥିତି ଉପସ୍ଥିତ ହୋଇଯିବ, ତା'ର ଉପାସନା ସାର୍ଥକ ହେଲା ବୋଲି ବୁଝିବାକୁ ହେବ ।

ଏହି ତଥ୍ୟକୁ ଉତ୍ତମ ରୂପେ ବୁଝିଯାଇଥିବା ବ୍ୟକ୍ତି ହିଁ ଅଧ୍ୟାତ୍ମ ପଥର ସଚ୍ଚା ପଥିକ ହୋଇଥାଏ । ଏଭଳି ବ୍ୟକ୍ତି କ୍ଷୁଦ୍ରରୁ ମହାନ୍ ଓ ସାଧାରଣରୁ ଅସାଧାରଣ ହେବାର ପଥରେ ଚାଲିଥାଏ । ଧର୍ମଧାରଣା ଓ ଉପାସନା ବିଜ୍ଞାନର ପ୍ରକୃତ ସ୍ୱରୂପକୁ ଜନମାନସ ସମକ୍ଷରେ ରଖିବା ଏବଂ ସେହି ଦିଗରେ ଚାଲିବା ସକାଶେ ସେମାନଙ୍କୁ ପ୍ରୋତ୍ସାହନ ଦେବା ହିଁ ବର୍ତ୍ତମାନର ଯୁଗକର୍ତ୍ତବ୍ୟ ।

ଏପରି କରାଯାଇ ପାରିଲେ ପ୍ରକୃତ ଅର୍ଥରେ ଆର୍ଷ ସ୍ତରର ଋଷି ପ୍ରଣୀତ ଧର୍ମଚେତନାର ଉଦ୍ଧାର ସମ୍ଭବ ହେବ ।

ବର୍ଷ ୨୮, ସଂଖ୍ୟା - ୧୭, ୨୮ ଅପ୍ରେଲ - ୦୪ ମଇ ୨୦୨୪

# ଭୋଟର ମାନେ ସତର୍କ ରହନ୍ତୁ

ରାଜନୀତି ସୁବିଧାବାଦର ଏକ ମହାରଣ୍ୟ ଆତ୍ମରକ୍ଷା ଓ ଆତ୍ମସ୍ୱାର୍ଥ ହେଲା ସେଠାରେ ଏକମାତ୍ର ଧର୍ମ । ସୁରେନ୍ଦ୍ର ମହାନ୍ତିଙ୍କ କାଳଜୟୀ ଉପନ୍ୟାସ 'ନୀଳଶୈଳ' ଏ କଠୋର ବାଣୀ ସାମ୍ପ୍ରତିକ ରାଜନୈତିକ ଦୃଶ୍ୟପଟ ପରିପ୍ରେକ୍ଷୀରେ ପ୍ରମାଦର ନ ହେଲେ କ'ଣ ଏ ନେତାମାନେ ପିହୁଳା ଏଣ୍ଡୁଅ ପରି ରଙ୍ଗ ବଦଳେଇ ମାଙ୍କଡ଼ ଡାଳ ବଦଳେଇଲା ପରି ଏ ଦଳ ସେ ଦଳ ହେଉଥାନ୍ତେ ! ରାଜନୀତିରେ ପାଦ ଥାପୁଥିବା ପ୍ରତ୍ୟକ ବ୍ୟକ୍ତି ଜଣେ ଜଣେ ସମାଜସେବୀ, ଏହା ତାଙ୍କ ନିଜସ୍ୱ ଦାବି । ସମାଜସେବା ସେମାନଙ୍କର ଏକମାତ୍ର ଲକ୍ଷ୍ୟ । କ୍ଷମତା ରାଜନୀତିକୁଆଡ଼େ ସମାଜସେବାର ଏକମାତ୍ର ପନ୍ଥା ? ସାଧାରଣ ଲୋକମାନଙ୍କ ଉନ୍ନତି କଳ୍ପେ ସେମାନେ ଦିନରାତି ସ୍ୱପ୍ନ ଦେଖୁଥା'ନ୍ତି, ଯାହା ପୂରଣ କରିବାକୁ ତାଙ୍କୁ ଗୋଟିଏ ଜନ୍ମ ବି ନିଅଣ୍ଟ ପଡ଼େ । ତାଙ୍କ ଅନ୍ତେ ତାଙ୍କ ପୁଅ, ନାତି, ଝିଅ, ନାତୁଣୀ ସେ ସ୍ୱପ୍ନ ପଛରେ ଧାଇଁ ଥାଆନ୍ତି । ନିର୍ବାଚନ ସମୟ ପାଖେଇ ଆସିଲେ ତାଙ୍କ ସ୍ୱପ୍ନର ଭିଡ଼ ଲାଗେ । ସମାଜସେବା ପାଇଁ ପ୍ରାଣ କାନ୍ଦି ଉଠେ । ଗୋଟିଏ ଦଳରୁ ସୁଯୋଗ ନ ମିଳିଲେ ସେମାନେ ବର୍ଷ ବର୍ଷର ସମ୍ପର୍କ ଛିନ୍ନ କରି ନୂଆ ଦଳରେ ଯୋଗଦିଅନ୍ତି ।

ନେତାଙ୍କ କଥା ବଇଁଶୀର ସୁର ହେଲେ ଜନତା ହେଲେ ନାଗସାପ, ଯାହାର ଗୋଟେ ଚୋଟକୁ କେଳାର ଆୟୁଷ ନିଅଣ୍ଟ । ହେଲେ ନାଗ କ'ଣ କରେ ? ବଇଁଶୀଫୁଙ୍କା ତାଳରେ ନିଜେ ନାଚେ, ଲହୁ ଲୁହାଣ ହୁଏ । ଉପରେ ନେତାଏ କୋଳାକୋଳି, ତଳେ ଭକ୍ତ, ଚାମଚା, ଫ୍ୟାନ ଗଡ଼ାଗଡ଼ି । ହଜାରେ ଜ୍ଞାନୀଙ୍କୁ ବୁଝେଇବା ସହଜ, ମାତ୍ର ଗୋଟିଏ ମୂର୍ଖଙ୍କୁ ବୁଝେଇବା କଷ୍ଟ, ଏ କଥା ଏବେ ପୁରୁଣା ହୋଇ ଗଲାଣି । ଏବେ ତା'ର ନୂଆ ସଂସ୍କରଣ ହେଲା– ହଜାରେ ମୂର୍ଖଙ୍କୁ ବୁଝେଇବା ସହଜ, ମାତ୍ର ଗୋଟିଏ ଦଳୀୟ କର୍ମୀକୁ ବୁଝେଇବା କଷ୍ଟ । ନେତାର ଅଯୋଗ୍ୟପଣ, ଦୁର୍ନୀତି ସେ ଦେଖେନାହିଁ । ନେତା ଦ୍ୱାରା ଗାଁ, ସମାଜ, ରାଜ୍ୟ ବା ରାଷ୍ଟ୍ରର କ'ଣ ଉନ୍ନତି ହେବ ସେ ବିଚାର କରେ ନାହିଁ, ସେ କେବଳ ଦଳ ପ୍ରେମରେ ବାଇ । ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା, କୌଣସି ନେତା ଜନତାଙ୍କୁ ଦେଶ ବା ରାଜ୍ୟର ନାଗରିକ ଭାବି ବ୍ୟବହାର କରନ୍ତି ନାହିଁ । ନିର୍ବାଚନର କିଛି ଦିନ ପୂର୍ବରୁ ହିତାଧିକାରୀ ବୋଲି ଭାବନ୍ତି । ସେଥିପାଇଁ ସେମାନେ ତାଙ୍କ ପାଇଁ ରାଜକୋଷ ଶୂନ୍ୟ କରି ଚାଲନ୍ତି । ଯୋଜନା ପରେ ଯୋଜନାର ବର୍ଷା ହୁଏ । ମାତ୍ର ଅଧିକାଂଶ ଯୋଜନାର ବାସ୍ତବ ରୂପରେଖ କିଛି ନ ଥାଏ ବା ଲୋକଙ୍କର ଉପଯୋଗିତା ନ ଥାଏ । ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ଜନତାଙ୍କୁ ସାମୟିକ ଭାବରେ ଭ୍ରମିତ କରି ରଖିବା । ଆଚରଣବିଧି ଲାଗୁ ହୋଇଗଲା ପରେ ସେଇ ନାଗରିକମାନେ ଭୋଟର ହେଇ ଯାଆନ୍ତି । ସେମାନଙ୍କୁ ନିଜ ସପକ୍ଷକୁ ନେବା ପାଇଁ ନିଜ ନିଜ ଭିତରେ ଅସୁସ୍ଥ ପ୍ରତିଯୋଗିତା ଆରମ୍ଭ ହୁଏ, ଯାହାର କ୍ଷତି ଭରଣା ହୋଇପାରେନି । ଜାତି, ଧର୍ମ, ସମ୍ପ୍ରଦାୟକୁ ନେଇ ଭିତ୍ତିହୀନ, ମିଥ୍ୟା, କପୋଳକଳ୍ପିତ ଅଥବା ଆଧୁନିକ ଭାଷାରେ ଡିପ୍ ଫେକ୍ ଭିଡିଓର ସହାୟତା ନିଆଯାଏ । ଜନତାଙ୍କ ଭିତରେ ହିଂସା ଆଉ ଘୃଣା ବାଣ୍ଟିବାର ବୀଜ ବପନ କରାଯାଏ । ଶେଷରେ ନିର୍ବାଚନ ପୂର୍ବ ରାତିରେ ନେତାମାନେ ତାଙ୍କର ବ୍ରହ୍ମାସ୍ତ୍ର ସ୍ୱରୂପ ଟଙ୍କା, ମଦ, ମାଂସ ବାଣ୍ଟିଥା'ନ୍ତି । ସାମାନ୍ୟ ଲୋଭର ବଶବର୍ତ୍ତୀ ହୋଇ ଭୋଟରଟିଏ ନିଜକୁ ବିକ୍ରି କରି ଦେଇଥାଏ । ଦେଶର ନାଗରିକ ହିସାବରେ ସମାଜ ପ୍ରତି ତା'ର କିଛି କର୍ତ୍ତବ୍ୟ ରହିଛି ସେ ଭୁଲିଯାଏ ।

ନେତାମାନେ ଜନତାଙ୍କୁ କେବେ ନାଗରିକ ବୋଲି ଭାବନ୍ତି ନାହିଁ, କାରଣ ନିର୍ବାଚନ ପୂର୍ବରୁ ଜନତାଙ୍କ ଗୋଡ଼ ଧରିବା ତାଙ୍କର ଅସହାୟତା ଆଉ ନିର୍ବାଚନ ପରେ ତାଙ୍କ ତଣ୍ଟି ଧରିବା ତାଙ୍କ ଅଧିକାର ବୋଲି ଭାବନ୍ତି । ତେଣୁ ଜନତା ବା ଭୋଟର ନେତାଙ୍କୁ ସମାଜସେବୀ ଭାବିବାର ଭ୍ରମ ନ କରିବା ଉଚିତ । କୌଣସି ନେତାର ମିଛ ପ୍ରଲୋଭନରେ ଭାସିଯିବା ପୂର୍ବରୁ ସେ ପ୍ରତିଶ୍ରୁତିର ସତ୍ୟତା ପରଖି ନେବା ଉଚିତ । ଦଳବଦଳ କରୁଥିବା ନକଲି ସମାଜସେବୀମାନଙ୍କ ପ୍ରତି ନିଜର ଆଖି ଖୋଲା ରଖି ବିଚାର କରିବାକୁ ହେବ । 'ବେଶ୍ୟାର ପ୍ରଣୟ ଅଥବା ଜହ୍ନର ଛାଇରେ ବରଂ କେତେକ ସ୍ଥିରତା ଥାଇପାରେ, ମାତ୍ର କ୍ଷମତା ରାଜନୀତିରେ ବନ୍ଧୁତ୍ୱ ଓ ବୈରଭାବ ଚଳା ମେଘ ପରି ଅସ୍ଥିର । ତେଣୁ ଭୋଟରମାନେ ରାଜନୀତି ପାଇଁ ନିଜ ନିଜ ଭିତରେ ସମ୍ପର୍କ ଖରାପ କରିବା ପୂର୍ବରୁ ଏ ବାକ୍ୟଟି ସ୍ମରଣ ରଖିଲେ ସଭିଙ୍କର ମଙ୍ଗଳ ।



# ପରିବର୍ତ୍ତନହୀନ ଜୀବନ ଧର୍ମ

## ମହାତ୍ମା ଗାନ୍ଧୀ

ଏପରି ମନେ କରିବା ଏକାନ୍ତ ଭୁଲ୍ ଯେ, ଏହି ବିଧାନଟି ବ୍ୟକ୍ତିମାନଙ୍କ ପାଇଁ ଉପାଦେୟ ହୋଇଥିଲେ ହେଁ ଏହାକୁ ସାଧାରଣ ମନୁଷ୍ୟମାନେ କଦାପି ଗ୍ରହଣ କରି ପାରିବେ ନାହିଁ । କାରଣ, ସତ୍ୟ ଓ ଅହିଂସାର ମାର୍ଗ ହେଉଛି ଖଣ୍ଡାର ଧାରପରି ତୀକ୍ଷଣ୍ । ଏହାର ଆଚରଣ ଆମର ଦୈନନ୍ଦିନ ଖାଦ୍ୟ ଗ୍ରହଣଠାରୁ ମଧ ଅନେକ ଅଧକ । ଉଚିତ ପରିମାଣରେ ଖାଦ୍ୟ ଗ୍ରହଣ କରିବା ଦ୍ୱାରା ଶରୀର ସମର୍ଥ ହୋଇ ରହେ ; ଉଚିତଭାବରେ ଆଚରଣ କରିପାରିଲେ ଆତ୍ମା ସମର୍ଥ ହୋଇ ରହିଥାଏ । ଶରୀର ପାଇଁ ଗ୍ରହଣ କରାଯାଉଥିବା ଖାଦ୍ୟକୁ ପରିମିତ ପରିମାଣରେ ଏବଂ ନିର୍ଦ୍ଦିଷ୍ଟ ସମୟମାନଙ୍କରେ ଗ୍ରହଣ କରାଯାଏ ; ଆଧାତ୍ମିକ ଖାଦ୍ୟରୂପୀ ଅହିଂସାକୁ ଅବିଚ୍ଛିନ୍ନଭାବରେ ଗ୍ରହଣ କରାଯାଏ । ଏଥିରେ ପୂର୍ଣ୍ଣ ପରିତୃପ୍ତି ବୋଲି କିଛି ହେଲେ ନ ଥାଏ । ମୁଁ ଯେ ସେହି ଲକ୍ଷ୍ୟଟିର ଅନୁଗମନ କରୁଛି, ମୋତେ ସେହି ବିଷୟରେ ପ୍ରତ୍ୟେକ ମୁହୂର୍ତ୍ତରେ ସଚେତନ ହୋଇ ରହିବାକୁ ପଡ଼େ ଏହି ସେହି ଲକ୍ଷ୍ୟର ପରିପ୍ରେକ୍ଷୀରେ ଆପଣାକୁ ନିରନ୍ତର ପରୀକ୍ଷା ମଧ କରିବାକୁ ପଡ଼େ । ଅହିଂସାର ପଥରେ ସର୍ବପ୍ରଥମ ପଦକ୍ଷେପଟି ହେଉଛି ଯେ, ଆମେ ଆମର ଦୈନନ୍ଦିନ ଜୀବନରେ ଏବଂ ପରସ୍ପର ମଧରେ ସତ୍ୟବାଦିତା, ବିନମ୍ରତା, ସହନଶୀଳତା ଏବଂ ପ୍ରେମଶୀଳ ଦୟାଭାବର ଅବଶ୍ୟ ଅନୁଶୀଳନ କରୁଥିବା । ସାଧୁତା ହିଁ ସର୍ବୋତ୍ତମ ନୀତି ବୋଲି କଥା ରହିଛି । ମାତ୍ର, ଅହିଂସାର ସିଦ୍ଧାନ୍ତଟି ଅନୁସାରେ ଏହାକୁ କେବଳ ଏକ ନୀତି ବୋଲି କୁହା ଯିବ ନାହିଁ । ନୀତି ତ ବଦଳି ବି ଯାଇପାରେ, ଏବଂ ବଦଳି ଯାଏ । ମାତ୍ର ଅହିଂସା ହେଉଛି ଏକ ପରିବର୍ତ୍ତନହୀନ ଜୀବନ ଧର୍ମ । ଚାରିପାଖରେ ହିଂସାର ଝଡ଼ ବହୁଥିଲେ ମଧ ତୁମକୁ ଅହିଂସାର ଅନୁଗମନ କରିବାକୁ ପଡେ । ଜଣେ ଅହିଂସ ବ୍ୟକ୍ତି ପକ୍ଷରେ ଅହିଂସାର ଆଚରଣ ଆଦୌ ଗୋଟାଏ ବଡ଼ କଥା ନୁହେଁ । ବସ୍ତୁତଃ, ତାହା ପ୍ରକୃତରେ ଆଦୌ ଅହିଂସା କି ନୁହେଁ, ସେକଥା କହିବା ବେଶ୍ କଷ୍ଟକର । ମାତ୍ର, ଯେତେବେଳେ ଅହିଂସାକୁ ହିଂସାର ମୁକାବିଲା କରି ଛିଡ଼ା ହେବାକୁ ପଡ଼େ, ସେତେବେଳେ ଯାଇ ଦୁହିଁଙ୍କ ମଧରେ ରହିଥିବା ପାର୍ଥକ୍ୟକୁ ହୃଦୟଙ୍ଗମ କରିହୁଏ । ସଦା ଜାଗ୍ରତ, ସଦା ସଚେତନ ଏବଂ ସଦା ଉଦ୍ୟମଶୀଳ ନହେଲେ ତାହା ଆଦୌ ସମ୍ଭବ ହେବ ନାହିଁ ।

ଅହିଂସା ହିଁ ଏକମାତ୍ର ବିଧାନସମ୍ମତ ପଥ । ମନୁଷ୍ୟ ଯେଉଁ ଆଇନ୍ ତିଆରି କରିଛି, ତାହା ବଳରେ ନୁହେଁ, ମାତ୍ର ପ୍ରକୃତି ମନୁଷ୍ୟ ପାଇଁ ଯେଉଁ ବିଧାନଟିକୁ ତିଆରି କରିଛି, ସେହି ଅନୁସାରେ ବିଚାର କଲେ, ହିଂସାକୁ କଦାପି ଏକ ବିଧାନ ବୋଲି କୁହା ଯିବ ନାହିଁ ।

ଈଶ୍ୱରଙ୍କଠାରେ ଏକ ସଚଳ ବିଶ୍ୱାସ ବ୍ୟତୀତ ଅହିଂସାରେ ଏକ ସଚଳ ବିଶ୍ୱାସ ଆଦୌ ସମ୍ଭବ ନୁହେଁ । ଈଶ୍ୱରଙ୍କର ଶକ୍ତି ଏବଂ କରୁଣା ବ୍ୟତୀତ ଜଣେ ଅହିଂସ ବ୍ୟକ୍ତି କିଛି କରି ପାରିବ ନାହିଁ । ସେଇଟି ନଥିଲେ ସେ କଦାପି କ୍ରୋଧ, ଭୟ ଓ ପ୍ରତିଶୋଧ ପରାୟଣତାରୁ ମୁକ୍ତ ରହି ମୃତ୍ୟୁ ବରଣ କରିବାର ସାହସକୁ ଅର୍ଜନ କରି ପାରିବ ନାହିଁ । ଈଶ୍ୱର ପ୍ରତ୍ୟେକଙ୍କର ହୃଦୟରେ ଆସୀନ ଅଛନ୍ତି ଏବଂ ତେଣୁ ତାଙ୍କର ଉପସ୍ଥିତିରେ ଭୟର ଆଦୌ କୌଣସି ସ୍ଥାନ ରହିବା ଉଚିତ ନୁହେଁ ବୋଲି ଏକ ବିଶ୍ୱାସରୁ ହିଁ ଏଭଳି ସାହସ ଜନ୍ମଲାଭ କରିଥାଏ । ଈଶ୍ୱର ସର୍ବତ୍ର ବିଦ୍ୟମାନ ରହିଛନ୍ତି ବୋଲି ଜାଣିବାର ଅର୍ଥ ହେଉଛି ଆମର ପ୍ରତିପକ୍ଷୀ ବୋଲି କୁହା ଯାଉଥିବା ବ୍ୟକ୍ତିମାନଙ୍କର ଜୀବନ ଲାଗି ସମ୍ମାନ ରଖିବା ।

ଅହିଂସା ହେଉଛି ସେହି ଉଚ୍ଚତମ ବିଶ୍ୱବ୍ୟବସ୍ଥାର ଏକ କ୍ରିୟାଶୀଳ ଶକ୍ତି । ଏହା ହେଉଛି ଆତ୍ମାର ଶକ୍ତି, ଆମ ଭିତରେ ରହିଥିବା ଈଶ୍ୱର ସତ୍ତାର ଶକ୍ତି । ଅପୂର୍ଣ ମନୁଷ୍ୟ ସେହି ସାରସତ୍ୟକୁ ପୂର୍ଣ୍ଣରୂପେ ହୃଦୟଙ୍ଗମ କରି ପାରିବ ନାହିଁ–ସିଏ ତାହାର ସମଗ୍ର ଦୀପ୍ତିକୁ ସହ୍ୟ କରି ପାରିବ ନାହିଁ ; ଏବଂ ତାହାର କେବଳ ଅତି କ୍ଷୁଦ୍ରାଦପି କ୍ଷୁଦ୍ରାଂଶ, ଯେତେବେଳେ ତାହା ଆମ ଭିତରେ କ୍ରିୟାଶୀଳ ହେବାକୁ ଆରମ୍ଭ କରେ, ସେତିକି ମଧ କେତେ କେତେ ବିସ୍ମୟକୁ ସଂଘଟିତ କରାଇ ପାରିବ ।

ଆକାଶଲୋକର ସୂର୍ଯ୍ୟ ସମଗ୍ର ବିଶ୍ୱଭୁବନକୁ ଆପଣାର ଜୀବନ-ଦାୟୀ ଉଷ୍ଣତାରେ ପରିପୂର୍ଣ୍ଣ କରି ରଖିଛି । ମାତ୍ର ଯଦି ଆମେ ତାହାର ଅତି ନିକଟକୁ ଯିବା, ତେବେ ସେହି ଉତ୍ତାପ ଆମକୁ ଦହନ କରି ଭସ୍ମରେ ପରିଣତ କରିଦେବ । ଈଶ୍ୱରସତ୍ତାର କ୍ଷେତ୍ରରେ ଠିକ୍ ତାହା ହିଁ ହୋଇଥାଏ । ଆମେ ଯେତିକି ପରିମାଣରେ ଅହିଂସ ହୋଇପାରୁ, କେବଳ ସେତିକି ପରିମାଣରେ ହିଁ ଈଶ୍ୱରଙ୍କ ସଦୃଶ୍ୟ ହୋଇପାରୁ । ମାତ୍ର କଦାପି ସମ୍ପୂର୍ଣ୍ଣଭାବରେ ଈଶ୍ୱର ହୋଇ ପାରିବା ନାହିଁ ।

ସତ କଥାଟି ହେଉଛି ଯେ ଅହିଂସା ହିଂସା ପରି ଏକା ପ୍ରଣାଳୀରେ ଆଦୌ କାର୍ଯ୍ୟ କରେ ନାହିଁ । ତାହା ଠିକ୍ ବିପରୀତ ପ୍ରଣାଳୀରେ କାର୍ଯ୍ୟ କରେ । ଅସ୍ତ୍ର ଦ୍ୱାରା ସଜ୍ଜିତ ଜଣେ ମନୁଷ୍ୟ ସ୍ୱଭାବତଃ ତା'ର ଅସ୍ତ୍ରଗୁଡ଼ିକ ଉପରେ ବିଶ୍ୱାସ ରଖିଥାଏ । ମାତ୍ର, ଯେଉଁ ବ୍ୟକ୍ତି ଜାଣି ଶୁଣି ଅସ୍ତ୍ରକୁ ବର୍ଜନ କରିଛି, ସିଏ ସେହି ପରମ ଅଦୃଶ୍ୟ ଶକ୍ତି ଉପରେ ଭରସା ରଖିଥାଏ । ସେହି ଶକ୍ତିକୁ କବିମାନେ ଈଶ୍ୱର ବୋଲି କହିଛନ୍ତି, ବୈଜ୍ଞାନିକମାନେ ପରମ ଅଜ୍ଞାତ ବୋଲି କହିଛନ୍ତି । ମାତ୍ର, ଯିଏ ଅଜ୍ଞାତ ହୋଇ ରହିଛନ୍ତି, ସିଏ ଯେ ଆଦୌ କେଉଁଠି ହେଲେ ନଥିବେ, ତାହା ପ୍ରୟୋଜନତଃ ଆଦୌ ଠିକ୍ ନୁହେଁ । ଜ୍ଞାତ ଓ ଅଜ୍ଞାତ ଯାବତୀୟ ଶକ୍ତି ମଧରେ ଈଶ୍ୱର ହେଉଛନ୍ତି ପରମ ଶକ୍ତି । ସେହି ପରମ ଶକ୍ତି ଉପରେ ଆସ୍ଥା ରଖି ନଥିବା ଅହିଂସା ହେଉଛି କେବଳ ଏକ ସାମର୍ଥ୍ୟହୀନ ବସ୍ତୁ, ଯାହାକୁ କି ଧୂଳିରେ ଫିଙ୍ଗି ଦେବାକୁ ହେବ ।

ନିଜ ଭିତରେ ରହିଥିବା ଈଶ୍ୱରଙ୍କର ନିରନ୍ତର ଉପସ୍ଥିତି ବିଷୟରେ ସଦା ସଚେତନତା ନିଃସନ୍ଦେହ ଭାବରେ ତାହା ହିଁ ସର୍ବପ୍ରଥମ ଆବଶ୍ୟକତା ।

ମୁଁ ଆପଣାକୁ ହିନ୍ଦୁ ବୋଲି ଦାବି ଯେ କରୁଛି, ତାହାକୁ କେତେ ବ୍ୟକ୍ତି ପ୍ରତ୍ୟାଖ୍ୟାନ କରି ଦେଉଛନ୍ତି, କାରଣ ମୁଁ ଅହିଂସାର ଅତି ଚରମ ଆକାରରେ ତାହାକୁ ସମର୍ଥନ କରୁଛି ଓ ତାହାର ଅଭ୍ୟାସ କରୁଛି । ସେମାନେ ମୋତେ ଛଦ୍ମବେଶ ପିନ୍ଧିଥିବା ଜଣେ ଖ୍ରୀଷ୍ଟିଆନ୍ ବୋଲି କହୁଛନ୍ତି । ଏପରିକି, ମୋତେ ଅତ୍ୟନ୍ତ ଗମ୍ଭୀରଭାବରେ ଏ କଥା ମଧ କୁହାଯାଇଛି ଯେ, ଗୀତାରେ ବିଶୁଦ୍ଧ ଅହିଂସାର ଶିକ୍ଷା ଦିଆଯାଇଛି ବୋଲି କହିବା ଦ୍ୱାରା ମୁଁ ସେହି ବୃହତ୍ କାବ୍ୟଟିର ଅର୍ଥକୁ ବିକୃତ କରି ପକାଉଛି । ମୋ'ର କେତେଜଣ ହିନ୍ଦୁ ମିତ୍ର ମୋତେ କହୁଛନ୍ତି ଯେ, କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଗୀତାରେ ହତ୍ୟା କରିବାକୁ ଏକ କର୍ତ୍ତବ୍ୟ ବୋଲି କୁହାଯାଇଛି । ଏହି ସେଦିନ ଜଣେ ଅତ୍ୟନ୍ତ ଜ୍ଞାନୀ ଶାସ୍ତ୍ରୀ ଘୃଣାର ସହିତ ଗୀତାର ମୁଁ କରିଥିବା ଅର୍ଥକୁ ପ୍ରତ୍ୟାଖ୍ୟାନ କରି କହିଲେ ଯେ, ଗୀତାଗ୍ରନ୍ଥରେ ମନ୍ଦ ଓ ଭଲ ମଧରେ ଲାଗି ଆସିଥିବା ସେହି ଚିରନ୍ତନ ସମରର କଥାକୁ ଉପସ୍ଥାପିତ କରାଯାଇଛି ଏବଂ ତାହା ଆମକୁ ଅକୁଣ୍ଠିତ ତଥା ନିର୍ମମଭାବରେ ମନ୍ଦକୁ ମୂଳୋତ୍ପାଟିତ କରିଦେବାର କର୍ତ୍ତବ୍ୟ ବିଷୟରେ ଉଦ୍‌ବୋଧନ ଦେଉଛି ବୋଲି ଗୀତାର କେତେକ ଟୀକାକାର ଯେଉଁ ମତ ବ୍ୟକ୍ତ କରୁଛନ୍ତି, ତାହାର ଆଦୌ କୌଣସି ପ୍ରମାଣ ନାହିଁ ବା ସମର୍ଥନ ନାହିଁ ।

ଅହିଂସାର ବିରୋଧରେ ଏହିସବୁ ମତକୁ ମୁଁ ବିସ୍ତାରିତ ଭାବରେ ଉଲ୍ଲେଖ କରୁଛି, କାରଣ, ମୁଁ ଦେଇଥିବା ସମାଧାନଟିକୁ ବୁଝିବାକୁ ହେଲେ ସେଗୁଡ଼ିକୁ ମଧ ଭଲ କରି ବୁଝିଥିବା ଉଚିତ । ଆଦୌ କୌଣସି କଥା ବିଚାରକୁ ନନେଇ ମୋତେ ପ୍ରତ୍ୟାଖ୍ୟାନ କରାଯିବା ଉଚିତ । ମୋ'ର ଧର୍ମ ହେଉଛି ସମ୍ପୂର୍ଣ୍ଣଭାବରେ ମୋ'ର ସୃଷ୍ଟିକର୍ତ୍ତା ଓ ମୋ' ଭିତରର ଏକ ବ୍ୟାପାର । ଯଦି ମୁଁ ଜଣେ ହିନ୍ଦୁ ହୋଇଥାଏ, ତେବେ ହିନ୍ଦୁ ସମୂହଟିର ସମସ୍ତେ ମୋତେ ବର୍ଜନ କଲେ ମଧ ତଥାପି ମୁଁ ହିନ୍ଦୁ ହୋଇ ଅବଶ୍ୟ ରହିବି । ମୋ'ର ଏହି ମତକୁ ମୁଁ ଅବଶ୍ୟ ପ୍ରକାଶ କରିବି ଯେ, ଅହିଂସା ହେଉଛି ସକଳ ଧର୍ମର ଅସଲ ଉଦ୍ଦେଶ୍ୟ ।

ଅହିଂସାର ଶିକ୍ଷାଟି ପ୍ରତ୍ୟେକ ଧର୍ମରେ ରହିଛି, ତଥାପି ମୁଁ ବିଶେଷ ଆନନ୍ଦର ସହିତ ବିଶ୍ୱାସ କରେ ଯେ, ସମ୍ଭବତଃ ଏଠାରେ ଏହି ଭାରତବର୍ଷରେ ହିଁ ଅହିଂସାର ପ୍ରୟୋଗକୁ ଏକ ବିଜ୍ଞାନର ପରିଣତ କରାଯାଇ ପାରିଛି । ସେମାନଙ୍କର ମହାନ୍ ଉତ୍ସର୍ଗ ଦ୍ୱାରା ହିମାଳୟର ତୁଷାରମୟ ଶୁଭ୍ରତା ପବିତ୍ରତା ଧାରଣ କଲା ବୋଲି କବିମାନେ ଅନୁଭବ କଲା ପର୍ଯ୍ୟନ୍ତ ଅଗଣିତ ମନୀଷୀ ଏଠାରେ ତପଶ୍ଚର୍ଯ୍ୟାରେ ହିଁ ଜୀବନକୁ ବଳି ଦେଇଛନ୍ତି । ମାତ୍ର ଅହିଂସାକୁ ନେଇ କରା ଯାଇଥିବା ଏହି ଯାବତୀୟ ପ୍ରୟୋଗ ବର୍ତ୍ତମାନ ପ୍ରାୟ ମୃତବତ୍ ହୋଇ ରହିଛି । କ୍ରୋଧକୁ ପ୍ରେମ ଦ୍ୱାରା ଏବଂ ହିଂସାକୁ ଅହିଂସା ଦ୍ୱାରା ଜବାବ ଦେବାର ସେହି ଶାଶ୍ୱତ ବିଧାନଟିକୁ ପୁନରୁଜୀବିତ କରିବାର ପ୍ରୟୋଜନ ରହିଛି ଏବଂ, ରାଜା ଜନକ ଓ ରାମଚନ୍ଦ୍ରଙ୍କର ଏହି ଦେଶ ବ୍ୟତୀତ ଆଉ କେଉଁଠାରେ ଏହା ଅଧିକ ସାର୍ଥକଭାବରେ ସମ୍ଭବ ହୋଇ ପାରିବ ?

# ଦେହକୁ ହିତ ମେଥି

ଆୟୁର୍ବେଦରେ ମେଥିର ବହୁ ହିତକାରୀ ଗୁଣର ବର୍ଣ୍ଣନା ରହିଛି । ଶରୀର ପାଇଁ ଏହାର ପତ୍ର ଏବଂ ଦାନା ଉଭୟ ଅତ୍ୟନ୍ତ ଉପାଦେୟ । ମେଥିଚାରା ଦୁଇ ଫୁଟରୁ ୩ ଫୁଟ ପର୍ଯ୍ୟନ୍ତ ବଢ଼େ । ଏହାକୁ ବାଡ଼ିରେ ମଧ ଲଗାଯାଇ ପାରିବ । ମଧକ୍ଷେତ୍ର, ଦକ୍ଷିଣ ୟୁରୋପ ଓ ପଶ୍ଚିମ ଏସିଆରେ ଏହାର ଉତ୍ପାଦନ ପ୍ରଚୁର ପରିମାଣରେ ହୁଏ । ଏହାର ସଂସ୍କୃତ ନାମ ମେଥିକା । ହିନ୍ଦୀ, ବଙ୍ଗଳା, ଓଡ଼ିଆ, ପଞ୍ଜାବୀ, ଗୁଜୁରାଟୀ ଓ ମରାଠୀରେ ଏହାକୁ ମେଥି ଏବଂ ତେଲଗୁରେ ମେନ୍ତଲୁ, ତାମିଲରେ ବେଣ୍ଡୟମ, ଇଂରାଜୀରେ ଫେନୁଗ୍ରିକ କୁହାଯାଏ ।

ମଧୁମେହ ରୋଗୀଙ୍କୁ ଖାଦ୍ୟ ସହିତ ନିୟମିତ ମେଥି ଖାଇବାକୁ ଆୟୁର୍ବେଦରେ ପରାମର୍ଶ ଦିଆଯାଇଛି ।

ମେଥି ଆଣ୍ଠୁଗଣ୍ଠି ବାତ ପାଇଁ ଅବ୍ୟର୍ଥ ଔଷଧ । ଏଥିରେ ଥିବା ଆଣ୍ଟି ଅକ୍ସିଡେଣ୍ଟ ବାର୍ଦ୍ଧକ୍ୟ ପ୍ରଭାବରୁ କମ୍ କରେ । ନିୟମିତ ମେଥି ଖାଇଲେ ହୃଦଘାତ ଆଶଙ୍କା କମ୍ ହୁଏ । ମେଥି ପାଚନତନ୍ତ୍ରକୁ ଦୃଢ଼ କରେ ଏବଂ ବଦହଜମି ଦୂର କରେ ।

ଏହାର ତେଲରେ କର୍କଟ ପ୍ରତିରୋଧକ ଶକ୍ତି ରହିଥିବା ଗବେଷଣାରୁ ଜଣାପଡିଛି ।

ମେଥି ଶରୀରରେ ଥିବା ଅନାବଶ୍ୟକ ଚର୍ବି ଦୂର କରିବାରେ ସହାୟକ ହୁଏ ।



# ସ୍ୱର୍ବେଦ

**ଚକମକ ପତ୍ଥରୀ ଆଗ ଜୈଁୟା,**
**ଠୋକେ ପ୍ରକଟେ ଆୟ ।**
**ତୁଝମେଁ ହୈଁ ତୁଝମେଁ ମିଲୈଁ,**
**ଠୋକ ଜ୍ଞାନ ଗୁରୁ ପାୟ ॥୧୧॥**

ଭାଷ୍ୟ - ଯେମିତି ଚକମକି ପଥରକୁ ଘଷିଲେ ଅଗ୍ନି ପ୍ରକଟ ହୋଇଥାଏ ସେମିତି ଆତ୍ମା ଭିତରେ ସ୍ଥିତ ପରମପ୍ରଭୁ ଗୁରୁଙ୍କର ଜ୍ଞାନ ଦ୍ୱାରା ପ୍ରଯତ୍ନ କଲେ ପ୍ରାପ୍ତ ହୋଇଥାନ୍ତି ।

**ମୃଗ କୁଣ୍ଡଲ ମେଁ ୱାସ ହୈଁ, ୱନ**
**ୱନ ଖୋଜତ ଧୋୟ ।**
**ସାହେବ ତୁମରେ ପାସ ହୈଁ,**
**ବାହର ଖୋଜନ ଜାୟ ॥୧୨॥**

ଭାଷ୍ୟ - ମୃଗର ନାଭିରେ ସୁଗନ୍ଧି ରହିଥାଏ, ମାତ୍ର ସେହି ସୁଗନ୍ଧିକୁ ପାଇବା ପାଇଁ ସେ ବଣରେ ଏଣେତେଣେ ଭ୍ରମୁଥାଏ । ଏହି ପ୍ରକାର ସମସ୍ତଙ୍କର ସ୍ୱାମୀ ପରମପ୍ରଭୁ ତୁମ ଭିତରେ ବିଦ୍ୟମାନ ରହିଛନ୍ତି ମାତ୍ର ତୁମେ ତାଙ୍କୁ ବାହାରେ ଖୋଜୁଛ । ସର୍ବବ୍ୟାପୀ ପରମପ୍ରଭୁ ସଦ୍‌ଗୁରୁ-ଭେଦ-ସାଧନ ଦ୍ୱାରା ଆତ୍ମାରେ ପ୍ରାପ୍ତ ହୋଇଥାନ୍ତି ।

**ସବ ଘଟ ବ୍ୟାପକ ପୁରୁଷ ହୈଁ,**
**ସହଜ ସିଁହାସନ ଧାମ ।**
**ଗତି ଗମ ଜ୍ଞାନ ପରାୱରେ,**
**ପ୍ରକଟ ଅରୁପ ଅନାମ ॥୧୩॥**

ଭାଷ୍ୟ - ସର୍ବ ଘଟରେ ବ୍ୟାପକ ସତ୍ ପୁରୁଷ ସଦ୍‌ଗୁରୁ-ଭେଦ ଗମନ ଗତିରେ ଚେତନ ମହାମଣ୍ଡଳ ସମାଧିଧାମରେ ପ୍ରାପ୍ତ ହୋଇଥାନ୍ତି ଓ ଚେତନ ସମଦୃଷ୍ଟି ଦ୍ୱାରା ପର-ଅପର ଭେଦରେ ଅରୂପ, ଅବ୍ୟକ୍ତ, ଚେତନ ନାମର ପ୍ରକଟ ଅନୁଭବ ହୋଇଥାଏ ।

**ବାହର ବାହର କ୍ୟା ଫିରୋ,**
**ଖୋଜି ଘଟ ଗୁରୁ ଜ୍ଞାନ ।**
**ଚିନ୍ତାମଣି କା ତେଜ ମେଁ,**
**ଦରଶତ ପୁରୁଷ ମହାନ ॥୧୪॥**

ଭାଷ୍ୟ - ବାହାରେ ବୃଥା ଭ୍ରମଣ କରୁଛୁ । ନିଜର ଆତ୍ମା ଭିତରେ ସଦ୍‌ଗୁରୁ-ଭେଦ-ବିଜ୍ଞାନ ଦ୍ୱାରା ଯୋଗଯୁକ୍ତିରେ ଖୋଜିଲେ ସଦ୍‌ଗୁରୁଙ୍କର ବିମଳ ପ୍ରକାଶରେ ଅକ୍ଷରପାର ମହାନ୍ ଚେତନ ସତ୍‌ପୁରୁଷ ପ୍ରତ୍ୟକ୍ଷ ହେବେ ।

**କ୍ୟା କସରତ ତନ କୀ କରୋ,**
**କ୍ୟା ମୁଖ ସେ ୱିଲଲାୟ ।**
**ୱାଣୀ ଚାର ୱିଲୀନ ମେଁ, ଅନ୍ତ**




**ଝଲକ କୁଛ ଆୟ ॥୧୫॥**

ଭାଷ୍ୟ - ଶରୀରର କସରତ କଣ କରୁଛ, ଉଠାବସା କରି ନାଚିକୁଦି ଏବଂ ମୁଖରେ ରୋଦନ ଅବା ପ୍ରାର୍ଥନା କଲେ କଣ ହେବ ? ସେହି ପ୍ରଭୁ ମନ, ବାଣୀ କିମ୍ବା ଇନ୍ଦ୍ରିୟମାନଙ୍କର ବିଷୟ ନୁହନ୍ତି । ଚାରି ବାଣୀର ବିଲୀନ ହେବାପରେ ପରିଶେଷରେ କିଛି ପ୍ରକାଶ ପ୍ରାପ୍ତ ହୋଇଥାଏ । ସେହି ପ୍ରଭୁ ବାଣୀର ବିଷୟ ନୁହନ୍ତି ।

**ଜୋ ଶ୍ରଦ୍ଧା ପ୍ରଭୁ ମିଲନ କା,**
**ଦର୍ଶନ କା ଚିତଚାୱ ।**
**ମନ ପରଦସ କୋ ତାଲିୟେ,**
**ଉପର ଝାପ ହଟାୱ ॥୧୬॥**

ଭାଷ୍ୟ - ଯଦି ପ୍ରଭୁପ୍ରାପ୍ତି କରିବାର ଇଚ୍ଛା ଅଛି ଆଉ ତାଙ୍କ ଦର୍ଶନର ଇଚ୍ଛା ରହିଛି ତେବେ ମନର ସମସ୍ତ ଖରାପ ବିଷୟପ୍ରବାହକୁ ବନ୍ଦ କରିଦିଅନ୍ତୁ ଏବଂ ଉପରେ ଯେଉଁ ବନ୍ଦ ଦ୍ୱାର ଅଛି, ତାହାର ଢାଙ୍କୁଣିକୁ ହଟେଇ ଦିଅନ୍ତୁ । ମନକୁ ପବିତ୍ର କରି ଗୁରୁମାର୍ଗ ଦ୍ୱାରା ଅଗ୍ରସର ହୋଇ ଉପରର ଦ୍ୱାରାକୁ ଖୋଲି ଦିଅନ୍ତୁ, ତେବେ ପ୍ରଭୁ ପ୍ରାପ୍ତିର ସତ୍‌ମାର୍ଗ ଉନ୍ମୁକ୍ତ ହେବ ।

**ସଚ ୱିରହୀ ପ୍ରଭୁ ମିଲନ କା,**
**ତ୍ୟାଗ ଦେହ ଅଭିମାନ ।**
**ଅନ୍ତର ଗ୍ରନ୍ଥିନ ଖୋଲିୟେ, ହଁସ**
**ଦଶା ସନମାନ ॥୧୭॥**

ଭାଷ୍ୟ - ପ୍ରଭୁ ପ୍ରାପ୍ତି ନିମନ୍ତେ ସଚ୍ଚୋଟ ପ୍ରେମୀ ଦେହ ସଂଘାତର ଅଭିମାନକୁ ତ୍ୟାଗକରି ଅନ୍ତରର ଗ୍ରନ୍ଥିଗୁଡ଼ିକୁ ଖୋଲି ଦିଅନ୍ତୁ ଆଉ ନିଜର ଶୁଦ୍ଧ ସ୍ୱରୂପର ସମ୍ମାନକୁ ପ୍ରାପ୍ତ କରନ୍ତୁ ।

**ଜିନ ଖୋଜା ତିନ ପାଇୟା,**
**ଅନ୍ତର ଘଟ କେ ମାହିଁ ।**
**ବ୍ରହ୍ମୱିଦ୍ୟା ପରକାଶ ମେଁ, ଯୋଗ**
**ଯୁକ୍ତି ରତ ମାହିଁ ॥୧୮॥**

ଭାଷ୍ୟ - ଯେଉଁମାନେ ବ୍ରହ୍ମବିଦ୍ୟା ପ୍ରକାଶରେ ସଦ୍‌ଗୁରୁ ଭେଦ ସାଧନା ଦ୍ୱାରା ଅନୁରକ୍ତ ହୋଇ ସେହି ପରମପ୍ରଭୁଙ୍କର ପ୍ରାପ୍ତି ନିମନ୍ତେ ପ୍ରଯତ୍ନ କରିଛନ୍ତି, ସେହିମାନେ ଏହି ଦେହ-ସଂଘାତ ଭିତରେ ନିଜେ ତାଙ୍କୁ ପ୍ରାପ୍ତ ହୋଇଛନ୍ତି ।

**ବିନୁ ୱିଶ୍ୱାସ ନ ଭକ୍ତି ହୈଁ, ବିନୁ**
**ୱିଶ୍ୱାସ ନ ନାମ ।**
**ବିନୁ ୱିଶ୍ୱାସ ନ ଜ୍ଞାନ ହୈଁ, ସିଦ୍ଧ**
**ନ କୱନୋ କାମ ॥୧୯॥**

ଭାଷ୍ୟ - ବିଶ୍ୱାସେ ମିଳଇ ହରି ତର୍କେ ବହୁ ଦୂର । ବିଶ୍ୱାସ ବିନା ଭକ୍ତି ହୋଇ ନ ଥାଏ । ବିଶ୍ୱାସ ବିନା ଭଜନ ହୋଇ ନ ଥାଏ, କିମ୍ବା ବିଶ୍ୱାସ ବିନା ଜ୍ଞାନ, ସିଦ୍ଧି ଅଥବା କାମନା ସୁଦ୍ଧା ପ୍ରାପ୍ତ ହୋଇ ନ ଥାଏ ।

**ପୂର୍ଣ୍ଣ ଭାୱ ୱିଶ୍ୱାସ ହିଁ, ସଦ୍‌ଗୁରୁ**
**ଚରଣ ପ୍ରତାପ ।**
**ତବ ଅନ୍ତର ଲୱ ଲାଗଇ,**
**ଅନରଟ ଭରମ ପ୍ରଲାପ ॥୨୦॥**

ଭାଷ୍ୟ - ଯେତେବେଳେ ସଦ୍‌ଗୁରୁଙ୍କର ଚରଣରେ ପୂର୍ଣ୍ଣ ପ୍ରେମ ତଥା ଭାବ ରହିଥାଏ, ସେତେବେଳେ ତାଙ୍କ ଚରଣର ପ୍ରତାପରୁ ଅନ୍ତର ମଧ୍ୟରେ ପ୍ରେମ ଲାଗିଥାଏ । ଏତଦ୍‌ଭିନ୍ନ ସବୁ ବୃଥା ପ୍ରଳାପ ଅଟେ । ଆଧ୍ୟାତ୍ମ କ୍ଷେତ୍ରରେ ସଦ୍‌ଗୁରୁ ହିଁ ପ୍ରଧାନ ତତ୍ତ୍ୱ ଅଟନ୍ତି । ତାଙ୍କର ଚରଣାଶ୍ରିତ ହେଲେ ନିଜର ଅନୁଭବ ସାଧନ ସଫଳ ହୋଇଥାଏ । ଏହା ଅତିରିକ୍ତ ସାଧନା ପଥରେ ଅଗ୍ରସର ହେବାର ଅନ୍ୟ କୌଣସି ମାର୍ଗ ନାହିଁ । ଅତଏବ ବ୍ୟର୍ଥ ବାକ୍ ବିତଣ୍ଡାରେ ନ ପଡ଼ି ସଦ୍‌ଗୁରୁ ଶରଣାଗତ ହୋଇ ନିଜ କଲ୍ୟାଣ ନିମନ୍ତେ ପ୍ରଭୁଙ୍କର ଭଜନ କରନ୍ତୁ ।

**ମାରଗ ତୋ ଅତି ସୂକ୍ଷ୍ମ ହୈଁ,**
**ଲପଟୀଲା ନିରଧାର ।**
**ଚାଁଟୀ ପଗ ଠହରତ ନହୀଁ, ଅନ୍ତର**
**ଗମ ଚଢ଼ ତାର ॥୨୧॥**

ଭାଷ୍ୟ - ମାର୍ଗ ଅତି ସୂକ୍ଷ୍ମ, ମସୃଣ ଏବଂ ସିଧା ଅଟେ । ସେଠାରେ ପିମ୍ପୁଡ଼ିର ମଧ୍ୟ ପଦଚିହ୍ନ ପଡ଼େ ନାହିଁ । ଆତ୍ମା ତାର ଦ୍ୱାରା ଅନ୍ତର ଗମନ କରି ନିଜ କେନ୍ଦ୍ରକୁ ଚଢ଼ିଯାଏ ।

**ଗାଗର ଉପର ଗାଗରୀ, ଶୂନ୍ୟ**
**ଝାଁପ ପର ଦ୍ୱାର ।**
**ତାର ତଖ୍ତ ପର ମାଝନା,**
**ଅନମନ ପୁରୁଷ ଦିଦାର ॥୨୨॥**

ଭାଷ୍ୟ - ମାଠିଆ ଉପରେ ମାଠିଆ ଅଛି, ଅର୍ଥାତ୍ ଅକ୍ଷର ଉପରେ ନିଃଶବ୍ଦ ମଣ୍ଡଳ ଅଛି । ସହଜଶୂନ୍ୟର ଉପରେ ସୁରତିର ଦ୍ୱାର ଅଛି ଆଉ ଦୁହିଙ୍କର ମଧ୍ୟସ୍ଥଳରେ ଢାଙ୍କୁଣି ଲଗା ହୋଇଛି । ତାରର ଶେଷ ଭୂମିରେ ସୁରତିକୁ ସ୍ଥିର କଲେ ଅମନ ଯୋଗୀ ପରମ ପୁରୁଷଙ୍କୁ ପ୍ରତ୍ୟକ୍ଷ କରିଥାଏ ।

**ହଁସ ଦଶା ମେଁ ଆଇୟେ,**
**ମହାଶୂନ୍ୟ ପର ବାଟ ।**
**ଅଷ୍ଟ ଚକ୍ର ଗମ ସୋଧିୟେ,**
**ଉତରୋ ସୁଷମନ ଘାଟ ॥୨୩॥**

ଭାଷ୍ୟ - ହଂସ ଦଶା ଅର୍ଥାତ୍ ନିଜ ଶୁଦ୍ଧ ସ୍ୱରୂପରେ ଆସିବା ନିମନ୍ତେ ମହାଶୂନ୍ୟ ଉପରେ ଥିବା ମାର୍ଗକୁ ଆସନ୍ତୁ ଆଉ ଅଷ୍ଟଚକ୍ରକୁ ଶୁଦ୍ଧକରି ସୁଷ୍ମନା ଘାଟକୁ ଓହ୍ଲେଇ ପାରିହୋଇ ଯାଆନ୍ତୁ । ଗ୍ରନ୍ଥକାର ନିଜ ଶୁଦ୍ଧ ସ୍ୱରୂପକୁ ଆସିବା ପାଇଁ ଏହି ଅନୁଭୂତି ସତ୍‌ମାର୍ଗ ବିଷୟରେ ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା କରିଛନ୍ତି । ଆଧ୍ୟାତ୍ମ ବିଦ୍ୟାର ସଫଳତାର ପୂର୍ଣ୍ଣ ଦିଗଦର୍ଶନ ଏହି ଦୋହାରେ କରାଯାଇଛି ।

**ତାହି କାଲ କ୍ୟା କରି ସକେ,**
**ଅମୃତ କରେ ଅହାର ।**
**ସଦା ୱିରାଜ ୱିରାଜତେ, ନିଶି**
**ଦିନ ରହ ହୁସିୟାର ॥୨୪॥**

ଭାଷ୍ୟ - ସେହି ଯୋଗଯୁକ୍ତ ପ୍ରବୀଣକୁ କାଳ କଣ କରି ପାରିବ ଯିଏ ଦିବାନିଶି ବିରାଜଧାମରେ ବିରାଜିତ ହୋଇ ଅମୃତ ଆହାର କରୁଅଛି ।

**ଅଗମ ପନ୍ଥ ମନ ଥିର ଭୟା,**
**ସୁରତି ନିରତି ପରୱେଶ ।**
**ଚେତନ ହଁସ ସ୍ୱରୂପ ସେ,**
**ପହୁଁଚେ ଅପନେ ଦେଶ ॥୨୫॥**

ଭାଷ୍ୟ - ବିହଙ୍ଗମ ମାର୍ଗରେ ନିଜ ମୂଳ କାରଣରେ ମନ ଯେତେବେଳେ ସ୍ଥିର ହୋଇଯାଏ ଓ ସୁରତି ନିରତି ହୋଇ ନିଜ ମଣ୍ଡଳରେ ପ୍ରବେଶ କରିଯାଏ, ସେତେବେଳେ ଚେତନ ଶୁଦ୍ଧ ସ୍ୱରୂପରେ ଆତ୍ମା ନିଜ ସ୍ଥାନକୁ ପହଞ୍ଚିଯାଏ । ଏହା ବିହଙ୍ଗମ ମାର୍ଗର ଉପଦେଶ ଅଟେ ।

# ପ୍ରତ୍ୟେକ ଦିନ ବ୍ୟାୟାମ କରନ୍ତୁ



କୁହାଯାଏ ସୁସ୍ଥ ଶରୀରରେ ହିଁ ସୁସ୍ଥ ମନ ଓ ମସ୍ତିଷ୍କର ନିବାସ ଥାଏ । କେବଳ ପୁଷ୍ଟିକର ଖାଦ୍ୟ ସୁସ୍ଥ ଜୀବନଶୈଳୀ ପାଇଁ ଜରୁରୀ । ତାହା ନୁହେଁ, ନିୟମିତ ଭାବରେ ବ୍ୟାୟାମ କରିବା ମଧ ଜରୁରୀ । ଏକ ନୂତନ ଅଧ୍ୟୟନରୁ ଜଣାପଡିଛି ଯେ ପ୍ରତ୍ୟେକ ଦିନ କିଛି କିଛି ବ୍ୟାୟାମ ଦ୍ୱାରା ଆମର ମସ୍ତିଷ୍କ ଭଲ ଭାବରେ କାମ କରିବ । ବୈଜ୍ଞାନିକମାନଙ୍କ ଏକ ପରୀକ୍ଷା ମୂଷା ଉପରେ କରି ଏହା ଜାଣି ସାରିଛନ୍ତି ଯେ, ପ୍ରତ୍ୟେକ ଦିନ କିଛି କିଛି ବ୍ୟାୟାମ କରିବା ଦ୍ୱାରା ଏନ ଜିନ୍ ସକ୍ରିୟ ହୋଇଯାଏ ଯାହା ମସ୍ତିଷ୍କର ହିପପୋକ୍ୟାମ୍ପସ୍ ନାମକ ଅଂଶରେ ସ୍ଥିତ ନ୍ୟୁରାନ୍ସ ମଧରେ ଯୋଗସୂତ୍ରକୁ ଆହୁରି ଅଧିକ ମଜଭୁତ କରେ । ବ୍ରେନର ଏହି ଅଂଶ ସ୍ମରଣ ଶକ୍ତି ଓ ଶିଖିବା ସମ୍ବନ୍ଧୀୟ ଅଟେ । ପରୀକ୍ଷାରେ ଅନ୍ତର୍ଭୁକ୍ତ ମୂଷାକୁ ୨ ଘଣ୍ଟା ପାଇଁ ଏକ ରନିଙ୍ଗ୍ ହ୍ୱିଲ ଉପରେ ରଖାଗଲା ଓ ଏହି ସମୟରେ ଏହାର ମସ୍ତିଷ୍କର କାର୍ଯ୍ୟ ଶୈଳୀକୁ ମପାଗଲା । ତେଣୁ ପ୍ରତ୍ୟେକ ଦିନ କିଛି କିଛି ବ୍ୟାୟାମ ଦ୍ୱାରା ମସ୍ତିଷ୍କର ହିପ୍‌ପୋକ୍ୟାମ୍ପସ୍ ରେଜିଅନରେ ସିନେପ୍ସେସ୍‌ର ବୃଦ୍ଧି ଘଟିଥାଏ । ଏହି ନିଷ୍କର୍ଷ ବ୍ୟାୟାମ କରିବା ସମୟରେ କ୍ରିୟାଶୀଳ କରାଯାଇଥିବା ସିଙ୍ଗଲ୍ ନ୍ୟୁରାନ୍ସରେ ହେଉଥିବା ଜିନର ବୃଦ୍ଧିର ବିଶ୍ଳେଷଣରୁ ବାହାର କରାଯାଇଛି । ଏଥିରେ ପଶୁ ଓ ମଣିଷଙ୍କ ଉପରେ କରାଯାଇଥିବା ପରୀକ୍ଷାରୁ ଜଣାପଡିଛି ଯେ, ନିୟମିତ ଭାବରେ ବ୍ୟାୟାମ କରିଲେ ଏହା ମସ୍ତିଷ୍କ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ ।

## ଟିକିଏ ହସନ୍ତୁ

ଜଜ୍ ଅପରାଧୀକୁ : ତମେ ଜୀବନରେ କିଛି ଭଲ କାମ କରିଛ ?
ଅପରାଧୀ : ହଁ । ମୁଁ ଓ ମୋ ଭଳି ଅପରାଧୀଙ୍କ ପାଇଁ ତ ପୋଲିସ ଓ ଅଦାଲତରେ ଅନେକ ଲୋକ କାମ ପାଇଛନ୍ତି ।

× × ×

ତାପସ ଜଣେ ବ୍ୟକ୍ତିଙ୍କୁ ଦେଖି : ଆପଣ ବହୁତ ଚିହ୍ନା ଚିହ୍ନା ଲାଗୁଛନ୍ତି । ଆପଣ ମୋ ଫେସବୁକ୍ ଫ୍ରେଣ୍ଡ ନା ହ୍ୱାଟ୍ସଆପ୍ ଗ୍ରୁପରେ ଅଛନ୍ତି ?
ବ୍ୟକ୍ତି : ନାଁ, ମୁଁ ଆପଣଙ୍କ ପଡୋଶୀ ।

× × × ×

ମୋନା ସୋନିକୁ : ତୁ ଆଜି ଫୋନ୍‌ରେ ମାତ୍ର ୧ ଘଣ୍ଟା ଗପିଲୁ । ତତେ ତ ମୁଁ କେବେ ୪-୫ ଘଣ୍ଟାରୁ କମ୍ ସମୟ ଗପିବା ଦେଖିନି ।
ସୋନି : କ'ଣ କରିବି, ଏଇଟା ପରା ରଙ୍ଗ ନମ୍ବର ଥିଲା ।

× × × × ×

ଗୋଟେ ହାତୀ ଜୀବନରେ ପ୍ରଥମ ଥର ମୂଷାକୁ ଦେଖିଲା ।
ହାତୀ ମୂଷାକୁ ପଚାରିଲା ତୁମେ କିଏ ?
ମୂଷା : ମୁଁ ମୂଷା ।
ହାତୀ ମୂଷାକୁ : ତୁମ ବୟସ କେତେ ?
ମୂଷା : ଏକବର୍ଷ ।
ହାତୀ : ମୋ ବୟସ ବି ଏକବର୍ଷ, ହେଲେ ତୁମେ ତ ମୋ ଠାରୁ ବହୁତ ଛୋଟ ।
ମୂଷା : କାହିଁକିନା ମୁଁ ତିନିଚାରିଦିନ ହେବ ଟିକେ ଅସୁସ୍ଥ ଅଛି ।



× × × × ×

ଚାରୋଟି ପିମ୍ପୁଡି ରାସ୍ତା କଡ଼ରେ ବସି କଥାବାର୍ତ୍ତା ହେଉଥିଲେ । ଏହି ସମୟରେ ଗୋଟିଏ ହାତୀ ସେ ବାଟ ଦେଇ ଯାଉଥିଲା । ଏହାଦେଖି ଗୋଟିଏ ପିମ୍ପୁଡି କହିଲା : ଏ ହାତୀ ତୁ ଆମ ସହିତ କୁସ୍ତି କରିବୁ ?
ଆଉ ଗୋଟେ ପିମ୍ପୁଡି ବାହାରି କହିଲା : ଆରେ ଭାଇ ଛାଡ ଏକଥା, ସେ ତ ବେଚାରା ଏକୁଟିଆ ଆମ ସାଙ୍ଗରେ କେମିତି ଲଢ଼ିବ ।

× × × ×

ପପୁ ଦିନେ ବାଇକ୍ ଚଲାଇ ରାସ୍ତାରେ ଯାଉଥିଲା ।
ପୋଲିସ ବାଲା ପପୁର ଗାଡି ଅଟକାଇ କହିଲେ : ସଡ଼କ ସୁରକ୍ଷା ସପ୍ତାହ ଚାଲିଛି, ତୁମକୁ ଆମ ତରଫରୁ ୨୦୦୦ ପୁରସ୍କାର ରହିଛି । ତୁମେ ଏହି ପୁରସ୍କାର ଟଙ୍କା ନେଇ କରିବ କ'ଣ ?
ପପୁ : ସାର୍, ଏଥିରେ ମୋର ଡ୍ରାଇଭିଂ ଲାଇସେନ୍ସ କରିବି ।

× × × × × ×

ବଣ୍ଟି ସାଧନାକୁ : ଆଇ ଲଭ୍ ୟୁ ।
ସାଧନା : ଯଦି ମୁଁ ତୁମକୁ, ସେହି କଥା କହେ ତମେ କ'ଣ କରିବ ?
ବଣ୍ଟି : ଖୁସିରେ ପାଗଳ ହୋଇ ମରିଯିବି ।
ସାଧନା : ସେଇଥି ପାଇଁ ତ ମୁଁ କହୁନି । ଯାଅ ଖୁସିରେ ବଞ୍ଚ ।

# ଦେହକୁ ଭଲ କଞ୍ଚା ଆମ୍ବ

କଞ୍ଚା ଆମ୍ବ କେବଳ ସ୍ୱାଦିଷ୍ଟ ନୁହେଁ ବରଂ ସ୍ୱାସ୍ଥ୍ୟ ପାଇଁ ମଧ ବହୁତ ଲାଭଦାୟକ ଅଟେ । ସେଥିପାଇଁ ଆମ୍ବକୁ ଫଳର ରାଜା କୁହାଯାଏ । ଏଥିରେ ଭରପୁର ମାତ୍ରାରେ ଭିଟାମିନ୍ ଏ ଭିଟାମିନ୍ କେ, ଫାଇବର ଓ ବହୁ ପ୍ରକାର ପୋଷକ ତତ୍ତ୍ୱ ରହିଛି, ଯାହା ସ୍ୱାସ୍ଥ୍ୟ ପାଇଁ ଉପକାରୀ । କଞ୍ଚା ଆମ୍ବ ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ଠିକ୍ ରୁହେ । ଶରୀର ହାଇଡ୍ରେଟ୍ ରୁହେ ଫ୍ରେସ୍ ଲାଗିଥାଏ ।

ଗ୍ରୀଷ୍ମ ଋତୁରେ ଶରୀରରୁ ଅତ୍ୟଧିକ ଝାଳ ବାହାରିବା କିମ୍ବା କମ୍ ପାଣି ପିଇବା କାରଣରୁ ଡିହାଇଡ୍ରେସନ୍ ସମସ୍ୟା ହୋଇପାରେ । ଏପରି ସ୍ଥିତିରେ କଞ୍ଚା ଆମ୍ବରୁ ତିଆରି ଆମ୍ବ ପଣା ଶରୀରକୁ ହାଇଡ୍ରେଟ୍ ରଖିବାରେ ସାହାଯ୍ୟ କରିଥାଏ । କାରଣ କଞ୍ଚା ଆମ୍ବରେ ଏପରି ଗୁଣ ଅଛି ଯାହା ଷ୍ଟ୍ରୋକ ଏବଂ ଡିହାଇଡ୍ରେସନରୁ ରକ୍ଷା କରିଥାଏ । ଏହା ଶରୀରରେ ସୋଡିୟମ୍ ପରି ଇଲେକ୍ଟ୍ରୋ ।ଲାଇଟ୍ ର ଅଭାବକୁ ଦୂର କରିବାରେ ମଧ ସାହାଯ୍ୟ କରିଥାଏ, ଯାହା ଡିହାଇଡ୍ରେସନ୍‌ର ଶିକାର ହେବାକୁ ରୋକିଥାଏ ।

କଞ୍ଚା ଆମ୍ବ କୋଲେଷ୍ଟ୍ରଲ କମ କରିବା ସହ ବ୍ଲଡପ୍ରେସରକୁ ନିୟନ୍ତ୍ରଣ ରଖିବାରେ ସହାୟକ ହୁଏ । ଏହି କାରଣରୁ ଷ୍ଟ୍ରୋକ ଓ ହାର୍ଟଆଟାକ ହେବାର ଆଶଙ୍କା କମ ରହିଥାଏ ।

ଆମ୍ବ ଖାଇବା ଦ୍ୱାରା କ୍ୟାଲୋରୀ ଅଧିକ ହ୍ରାସ ପାଇଥାଏ । ଯାହାଫଳରେ ଓଜନ କମିଯାଏ । ଏହା ଅନ୍ତନଳୀ ରୋଗକୁ ହ୍ରାସ କରିବାରେ ସାହାଯ୍ୟ କରେ ।

କଞ୍ଚା ଆମ୍ବ ଖାଇବା ଦ୍ୱାରା କ୍ଷତିକାରକ ମାଇକ୍ରୋବସ୍ ନଷ୍ଟ ହୋଇଥାଏ । ଏହା ଯକୃତ ଏବଂ ଅନ୍ତନଳୀର ସମସ୍ତ ସମସ୍ୟା ହ୍ରାସ କରିବାରେ ସହାୟକ ହୁଏ ।



# ହଳଦୀର ଉପକାରିତା

ହଳଦୀ ନିଜର ସୁଗନ୍ଧ ଏବଂ ଔଷଧୀୟ ଗୁଣ ଯୋଗୁଁ ଘରେ ଘରେ ପରିଚିତ । ଆୟୁର୍ବେଦରେ କୁହାଯାଇଛି କି ହଳଦୀ ଛୋଟ ଛୋଟ କ୍ଷତଠୁ ନେଇ କ୍ୟାନସର ପରି ଦୁଃସାଧ ରୋଗକୁ ପ୍ରତିରୋଧ କରିବାରେ ସକ୍ଷମ । ହଳଦୀକୁ କ୍ଷୀରରେ ମିଶାଇ ପିଇବା ଦ୍ୱାରା ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ହଳଦୀର ଚା' ମଧ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ ବୋଲି ଜଣାପଡ଼ିଛି ।

**ହଳଦୀ ଚା ର ପ୍ରସ୍ତୁତି ପ୍ରଣାଳୀ:** ଦୁଇ କପ୍ ଗରମ ପାଣିରେ ଏକ ଇଞ୍ଚର ଖଣ୍ଡେ ହଳଦୀ ପକାଇ ୨-୩ ମିନିଟ୍ ଫୁଟିବାକୁ ଦିଅନ୍ତୁ । ତା'ପରେ ସେଥିରେ ମହୁ ଏବଂ ଲଙ୍କାଗୁଣ୍ଡ ପକାଇ ପିଅନ୍ତୁ । ପ୍ରତ୍ୟହ ସକାଳୁ ଖାଲି ପେଟରେ ସକାଳ ଜଳଖିଆ ପୂର୍ବରୁ ପିଇବା ଦ୍ୱାରା ଅନେକ ଲାଭ ମିଳି ପାରିବ ।

**କ୍ୟାନସର ସମ୍ଭାବନା କମ୍ କରିଥାଏ:** କ୍ୟାନସର ଏକ ଜଟିଳ ବେମାରି । ହଳଦୀ ଚା'ରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଗୁଣ ଯୋଗୁଁ ଏହା ଆପଣଙ୍କୁ କ୍ୟାନସରରୁ ବଞ୍ଚାଇଥାଏ ।



**ଅଲଜିମରରୁ ବଞ୍ଚାଇଥାଏ:** ଏହି ରୋଗରେ ମଣିଷର ମସ୍ତିଷ୍କ କାମ କରିବା ବନ୍ଦ କରିଦିଏ । ହଳଦୀ ଚା' ପିଇବା ଦ୍ୱାରା ଏହା ମସ୍ତିଷ୍କର କୋଷିକାଗୁଡ଼ିକୁ ନଷ୍ଟ ହେବାରୁ ବଞ୍ଚାଇଥାଏ ବୋଲି ଜଣାପଡ଼ିଛି ।

**ଆର୍ଥ୍ରାଇଟିସ୍‌ରୁ ଆରାମ ଦିଏ:** ଏହି ରୋଗରେ ଗୋଡ଼ର ଶିରା ଟାଣିହେବା ସହ ଗଣ୍ଠିରେ ଯନ୍ତ୍ରଣା ହୋଇଥାଏ । ହଳଦୀରେ ଆଣ୍ଟିଇନଫ୍ଲାମେଟୋରି ଗୁଣ ଯୋଗୁଁ ଏହା ଗଣ୍ଠି ଯନ୍ତ୍ରଣାରୁ ଉପଶମ ଦେଇଥାଏ ।

**ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ:** ହଳଦୀ, ଲଙ୍କା, ମହୁର ମିଶ୍ରଣକୁ ପିଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଆପଣଙ୍କୁ ରୋଗ ସହ ଲଢ଼ିବାର ଶକ୍ତି ମିଳିଥାଏ ।

**କୋଲେଷ୍ଟରଲ କମ୍ କରିଥାଏ:** ଶରୀରରୁ କୋଲେଷ୍ଟରଲ କମ୍ କରିବାରେ ହଳଦୀ ସାହାଯ୍ୟ କରିଥାଏ ବୋଲି ଜଣାପଡ଼ିଛି । ଏହାଦ୍ୱାରା ହୃଦୟ ସମ୍ବନ୍ଧିତ ରୋଗ ହେବାର ସମ୍ଭାବନା କମ୍ ହୋଇଥାଏ ବୋଲି ଜଣାପଡ଼ିଛି ।

**ୟୁଆଇଟିସ୍ କମ୍ କରିଥାଏ:** ଏହି ରୋଗରେ ଆଖି ତୋଳା ନାଳିପଡି ଫୁଲିଯିବା ସହ ଆଖିକୁ ଧୂଆଁଳିଆ ଦେଖାଯାଏ । ହଳଦୀ ଚା' ପିଇବା ଦ୍ୱାରା ଏଥିରୁ ବହୁତ ଆରାମ ମିଳିଥାଏ ।

**ପେଟରୋଗ ଠିକ୍ କରିଥାଏ:** ହଳଦୀ ଚା' ଏହି ସମସ୍ୟାରୁ ମୁକ୍ତି ପାଇପାରିବ ।

**ଡାଇବେଟିସ୍‌ରୁ ମଧ ମୁକ୍ତି ଦେଇଥାଏ:** ହଳଦୀ ଶରୀରର ରକ୍ତ ଶର୍କରା ସ୍ତରକୁ ନିୟନ୍ତ୍ରଣରେ ରଖିବା ଦ୍ୱାରା ଡାଇବେଟିସ୍‌ରୁ ମଧ ଆରାମ ମିଳିଥାଏ ।

**ଓଜନ କମ୍ କରିଥାଏ:** ହଳଦୀ ଆପଣଙ୍କ ଶରୀରର ମେଟାବୋଲିଜ୍ ସ୍ତରକୁ ବଢ଼ାଇଥାଏ । ଯାହା ଆପଣଙ୍କ ଓଜନ ଶୀଘ୍ର କମ୍ କରିବାରେ ସାହାଯ୍ୟ କରିଥାଏ ।

# ପେଟର ଚର୍ବି କମ୍ ପାଇଁ ଭଲ ଦଳିଆ

ସାଧାରଣତଃ ପ୍ରସବ ପରେ ମହିଳାଙ୍କ ଓଜନ ବଢ଼ିବା ସହ ପେଟର ଚର୍ବି ମଧ ସହଜରେ ହ୍ରାସ ପାଇଥାଏ । ଏଣୁ ସେମାନେ ରୀତିମତ ଯୋଗ, ବ୍ୟାୟାମ, ଡାଏଟିଂ କଲେ ମଧ ସେଭଳି ଆଖିଦୃଶିଆ ଲାଭ ମିଳି ନ ଥାଏ । ଏପରିସ୍ଥଳେ ଦଳିଆ ସେବନ କଲେ ୧ ମାସ ମଧରେ ପେଟର ଚର୍ବି କମ୍ ହୋଇଥାଏ । ଖାଦ୍ୟ ବିଶେଷଜ୍ଞ ଅଞ୍ଜୁ ମେହେରା, ମହିଳାଙ୍କ ପାଇଁ ଦଳିଆ ସୁପରଫୁଡ୍ ବୋଲି ପ୍ରକାଶ କରିଛନ୍ତି । ଆଜିକାଲି ସମସ୍ତ ସୁପରମାର୍କେଟ୍ ମଲରେ ଦଳିଆ ଉପଲବ୍ଧ ।

ଦଳିଆରେ ଭରପୁର ମାତ୍ରାରେ ଫାଇବର ଥିବାରୁ ତାହା କୋଲେଷ୍ଟରଲର ସ୍ତର କମ୍ କରିଥାଏ । ଏହା ଖାଇଲେ ଶୀଘ୍ର ଭୋକ ଲାଗେ ନାହିଁ । ପେଟର ଚର୍ବି ମଧ ଶୀଘ୍ର ହ୍ରାସ ପାଏ । ନିୟମିତ ଭାବେ ସକାଳ ଜଳଖିଆରେ କର୍ମଜୀବୀ ମହିଳାମାନେ ଏହା ଖାଇଲେ ଦିନସାରା ସେମାନଙ୍କୁ ଫୁର୍ତ୍ତି ଲାଗିଥାଏ ।



## ଆପଣ ଜାଣନ୍ତି କି ?

- ନ୍ୟାୟ ଦର୍ଶନ ଗୌତମ ପ୍ରତିଷ୍ଠା କରିଥିଲେ ।
- ମହର୍ଷି କଣାଦ ବୈଶେଷିକ ଦର୍ଶନ, ମହର୍ଷି କପିଳ ସାଂଖ୍ୟ ଦର୍ଶନର ପ୍ରତିଷ୍ଠା କରିଥିଲେ ।
- ଏକ ସର୍ଭେ ଅନୁଯାୟୀ ବିଶ୍ୱରେ ସମୁଦାୟ ୬,୫୦୦ ଭାଷା ବ୍ୟବହାର କରାଯାଉଛି ।
- ଉଦ୍ଭିଦଗୁଡ଼ିକ ଝାଉଁଳି ପଡିବାର ମୁଖ୍ୟ କାରଣ ହେଉଛି ପ୍ରସ୍ୱେଦନ ।
- ୧୯୮୮ ମସିହାରେ ସିଓଲରେ ଅଲିମ୍ପିକ ଖେଳରେ ପ୍ରଥମ ଥର ପାଇଁ ଟେବଲ୍ ଟେନିସ୍ ଖେଳାଯାଇଥିଲା ।
- ବୁକର୍ ପୁରସ୍କାର ବିଶ୍ୱର ସବୁଠାରୁ ବଡ଼ ସାହିତ୍ୟ ପୁରସ୍କାର । ୧୯୬୯ ମସିହାରେ ଏହି ପୁରସ୍କାର ପ୍ରଚଳନ ହୋଇଥିଲା ।
- ସାରା ଭାରତରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସବୁଠାରୁ ବେଶି ଶାଖା ପ୍ରତିଷ୍ଠା କରାଯାଇଛି ।
- ଭାରତର ଅନ୍ୟ ରାଜ୍ୟଗୁଡ଼ିକ ଠାରୁ ସହରୀ ଲୋକଙ୍କ ସଂଖ୍ୟା ମହାରାଷ୍ଟ୍ରରେ ଅଧିକ ।
- ବହୁ ଚର୍ଚ୍ଚିତ ଉପନ୍ୟାସ 'ଗଡ୍ ଅଫ୍ ସ୍ମଲ୍ ଥିଙ୍ଗସ୍' ଲେଖିକା ଅରୁନ୍ଧତି ରାୟ ।
- ହିମାଳୟର ସୃଷ୍ଟି ୪୫ ମିଲିୟନ୍ ବର୍ଷ ପୂର୍ବରୁ ବୋଲି ବୈଜ୍ଞାନିକ ଗବେଷଣାରୁ ଜଣା ପଡିଛି ।
- ସଂସଦର ତଳସଦନ ଲୋକସଭାର ସଦସ୍ୟମାନେ ସିଧାସଳଖ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି ।

# ସ୍ୱାସ୍ଥ୍ୟ ପାଇଁ ଭଲ ପିଜୁଳି

ଆମ ବାଡ଼ିବଗିଚାରେ ଏବଂ ବଜାରରେ ବହୁଳ ପରିମାଣରେ ପିଜୁଳି ମିଳିଥାଏ । ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ପିଜୁଳି ଖାଇବାକୁ ଭଲ ପାଇଥାନ୍ତି । କିନ୍ତୁ ପିଜୁଳିରେ ଭିଟାମିନ୍ ସି, ଲାଇକୋପେନି ଏବଂ ଆଣ୍ଟିଅକ୍ସିଡେଣ୍ଟରେ ଭରପୁର ମାତ୍ରାରେ ରହିଛି । ତେବେ ପିଜୁଳିରେ ବହୁ ମାତ୍ରାରେ ଫାଇବର ଏବଂ ଗ୍ଲାଯସେମିକ୍ ମାତ୍ରା ରହୁଥିବା କାରଣରୁ ଏହା ମଧୁମେହ ରୋଗୀଙ୍କ ପାଇଁ ବହୁତ ଉପକାରୀ । ପିଜୁଳିରେ ବହୁ ଗ୍ଲାୟସେମିକ୍ ମାତ୍ରା ରହୁଥିବାରୁ ହଠାତ୍ ଶର୍କରା ସ୍ତର ବୃଦ୍ଧି କରେ ନାହିଁ । ଏହା ବ୍ୟତୀତ ଏଥିରେ ଫାଇବର ମାତ୍ରା ରହୁଥିବାରୁ ଶର୍କରା ନିୟନ୍ତ୍ରଣାଧୀନ ରହିଥାଏ ।



- ପିଜୁଳିରେ ପ୍ରୋଟିନ୍, ଭିଟାମିନ୍ ଏବଂ ଫାଇବର ମାତ୍ରା ରହୁଥିବାରୁ ଏହା ଶରୀରରେ ମେଟାବାଲିଜିମ୍ ବୃଦ୍ଧି କରିବା ସହ ଶରୀରର ଓଜନ ହ୍ରାସ କରିବାରେ ସହାୟକ ହୋଇଥାଏ । ପିଜୁଳି ଖାଇବା ଦ୍ୱାରା ପେଟ ଭରି ଯାଇଥାଏ । କିନ୍ତୁ କ୍ୟାଲୋରି ବହୁତ୍ କମ୍ ରହିଥାଏ । କଞ୍ଚା ପିଜୁଳିରେ କଦଳି, ସେଓ, କମଳା ଏବଂ ଅଙ୍ଗୁର ତୁଳନାରେ କମ୍ ଶର୍କରା ମାତ୍ରା ଥାଏ ।
- ପିଜୁଳିରେ ଭିଟାମିନ୍ ସି' ବହୁ ମାତ୍ରାରେ ଥାଏ । କମଳାଠାରୁ ୪ ଗୁଣ ଅଧିକ ଭିଟାମିନ୍ ସି' ରହିଛି । ଯାହାକି ଶରୀରରେ ରୋଗ ପ୍ରତିରୋଧକ କ୍ଷମତା ଅର୍ଥାତ୍ ଇମ୍ୟୁନିଟ୍ ଶକ୍ତି ବୃଦ୍ଧି କରିଥାଏ । ଏଥିସହିତ ଶରୀରକୁ ବିଭିନ୍ନ ସଂକ୍ରମଣ ଏବଂ ରୋଗରୁ ରକ୍ଷା କରିଥାଏ ।
- ଅନ୍ୟ ଫଳ ତୁଳନାରେ ପିଜୁଳିରେ ଡାଏଟରି ଫାଇବର ଅଧିକ ମାତ୍ରାରେ ଥାଏ । ଯାହାକି ଶରୀର ଆବଶ୍ୟକ କରୁଥିବା ୧୨ ପ୍ରତିଶତ ଖାଇବାକୁ ପୂରା କରିପାରିବ । ହଜମ ଶକ୍ତି ବୃଦ୍ଧି କରିବା ଏହା କୌଣସି ରାମବାଣ ଔଷଧ ଠାରୁ ମଧ କମ୍ ନୁହେଁ । ପିଜୁଳି ମଞ୍ଜି ପେଟକୁ ସଫା କରିବାରେ ସାହାଯ୍ୟ କରିଥାଏ ।
- ପିଜୁଳି ପତ୍ରରେ ଆଣ୍ଟି ଇନଫ୍ଲେମେଟୋରି ଏବଂ ଆଣ୍ଟି ବ୍ୟାକ୍ଟେରିଆ ଗୁଣ ରହିଥାଏ । ଯାହାକି ଦାନ୍ତରେ ହୋଇଥିବା ସଂକ୍ରମଣ ଦୂର କରିବା ସହ ଜୀବାଣୁ ମାରିବାରେ ସହାୟକ ହୋଇଥାଏ । ଦାନ୍ତ ବିନ୍ଧୁଥିଲେ ପିଜୁଳି ପତ୍ର ରସ ଦାନ୍ତ ଏବଂ ମାଢ଼ିରେ ମାଲିସ୍ କଲେ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ ।
- ପିଜୁଳିରେ ଭିଟାମିନ୍ ୩ ଏବଂ 'ବି-୬' ରହିଛି । ଯାହାକି ମସ୍ତିଷ୍କରେ ଭଲ ଭାବେ ରକ୍ତ ସଞ୍ଚାଳନ କରିବାରେ ସହାୟକ ହୋଇଥାଏ । ପିଜୁଳି ଖାଇଲେ ସ୍ମରଣଶକ୍ତି ବଢ଼ିଥାଏ ।

# ଔଷଧୀୟ ସଜନା ଶାଗ

ସଜନା ଶାଗ ମଧୁମେହ ପ୍ରତିରୋଧୀ । ଶାଗ ଭଜା, ସୁପ, ଚଟଣି ଖାଦ୍ୟରେ ସାମିଲ କରନ୍ତୁ । ଏହା ଦ୍ୱାରା ରକ୍ତ ଶର୍କରା ନିୟନ୍ତ୍ରଣରେ ରହେ । କୋଲେଷ୍ଟ୍ରଲ, ଚର୍ବି ସମସ୍ୟାରେ ପଡ଼ିଥିଲେ ସଜନା ଶାଗ ଖାଆନ୍ତୁ । କମିଯିବ । ଏହା ତନ୍ତୁରେ ସମୃଦ୍ଧ । ଖାଦ୍ୟ ହଜମ ବଢ଼ାଏ । ଅନ୍ତନଳିକୁ ସୁରକ୍ଷିତ ରଖେ । କୋଷ୍ଠକାଠିନ୍ୟ ସମସ୍ୟା ରହେନାହିଁ । ସଜନା ଶାଗ ଏଣ୍ଟିଅକ୍ସିଡାଣ୍ଟରେ ଭରପୂର ଥିବାରୁ ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ଲାଭଦାୟକ । ହୃଦ୍ ଧମନି ରୋଗରୁ ନିରାପଦ ରଖେ । ରକ୍ତହୀନତା ଓ ଦୁର୍ବଳ ଦୃଷ୍ଟିଶକ୍ତି ପାଇଁ ସଜନା ଶାଗ ଖାଆନ୍ତୁ, ସୁଫଳ ମିଳିବ । ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକାରୀ ଶାଗ ।



ସଜନା ଶାଗ ଖାଇଲେ ଋତୁସ୍ରାବ ସମସ୍ୟା ରହେ ନାହିଁ, ନିୟମିତ ହୁଏ । ଯନ୍ତ୍ରଣାରୁ ବି ଉପଶମ ମିଳେ ।

# କହିପାରିବେ କି ?

(୧) ଭାରତର ସହାୟକ ସନ୍ଧି ବ୍ୟବସ୍ଥାର ଆରମ୍ଭ କିଏ କରିଥିଲେ ?
(୨) ଭାରତର କେଉଁଠାରେ ଓ କେବେ ପ୍ରଥମ ମହାନଗର ନିଗମ ସ୍ଥାପିତ ହୋଇଥିଲା ?
(୩) ଭାରତରେ ପ୍ରଥମେ କେବେ ଜନଗଣନା ଆରମ୍ଭ ହୋଇଥିଲା ?
(୪) 'ସିଙ୍ଗିଙ୍ଗ୍ ଟାଇଗର- ଏ ଷ୍ଟଡି ଅଫ୍ ରିଭଲ୍ୟୁସନାରୀ' ବହିଟି କାହା ଜୀବନ ଉପରେ ଆଧାରିତ ?
(୫) ଭାରତର ପ୍ରଥମ ପଞ୍ଜୀକୃତ ଟ୍ରେଡ ୟୁନିଅନ୍ ନାମ କ'ଣ ଓ କେବେ ସ୍ଥାପିତ ହୋଇଥିଲା ?
(୬) କେଉଁ ପକ୍ଷୀ ଉଡିଲା ବେଳେ ଶୋଇ ପଡିଥାଏ ?
(୭) ଓଟ ପିଠିରେ ଥିବା କୁଜରେ କ'ଣ ଥାଏ ?
(୮) ଅଷ୍ଟ୍ରେଲିଆର କଙ୍ଗାରୁ କେତେ ଉଚ୍ଚକୁ ଡେଇଁ ପାରେ ?
(୯) ଅଷ୍ଟ୍ରେଲିଆର କେଉଁ ଫୁଲ ହମିଙ୍ଗ ବାର୍ଡ ଭଳି ଦେଖାଯାଏ ?
(୧୦) ପୃଥିବୀରେ କେତେ ପ୍ରଜାତିର କୀଟପତଙ୍ଗ ଅଛନ୍ତି ?

## JUMBLE WORDS

| | | | |
|---|---|---|---|
| 1) CLIPDA | = | 6) FCEDET | = |
| 2) CETTED | = | 7) VIPTO | = |
| 3) CROGA | = | 8) RNIDG | = |
| 4) NTTUS | = | 9) UFEEDS | = |
| 5) EYELKW | = | 10) LIDEUT | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧. ରାଷ୍ଟ୍ରପତି, ୨.ପାରା, ୩.୨%, ୪.ପିମ୍ପୁଡ଼ି, ୫. ମସ୍ତିଷ୍କ, ୬.ମାଗାସେସେ, ୭. ସ୍ଥଳଚର ଗୁଣ୍ଡୁଚିମୂଷା, ୮.୩୦ ଇଞ୍ଚ, ୯.ଗେକୋସ୍, ୧୦. ଲାଲ ଓ ଗେରୁଆ ।

***Jumble Words*** **ର ଉତ୍ତର :-**

(1) FRONT (2) IMPORT (3) HUDDLE (4) VAGUE (5) MOTTO
(6) WINNER (7) COHORT (8) GRAFT (9) ANKLE (10) FEWEST

# ଫାଇଲରେ ଅଟକିଛି ରେଙ୍ଗାଲିର ୫୦ ଶଯ୍ୟା ବିଶିଷ୍ଟ ବିଡି ଶ୍ରମିକ ଡାକ୍ତରଖାନା

ସମ୍ବଲପୁର: ରେଙ୍ଗାଲିରେ କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ପ୍ରତିଷ୍ଠା ହେବାକୁ ଥିବା ୫୦ ଶଯ୍ୟା ବିଶିଷ୍ଟ ବିଡି କାରିଗର ଡାକ୍ତରଖାନାର ଫାଇଲ୍ କେନ୍ଦ୍ର ଶ୍ରମ ସଚିବଙ୍କ ଦପ୍ତରରେ ଗତ ୧୪ ବର୍ଷ ହେଲା ଖତ ଖାଉଥିବା ଜଣାପଡ଼ିଛି। ଜିଲାରେ ଲକ୍ଷାଧିକ ବିଡ଼ି କାରିଗର ଥାଇ ସୁଦ୍ଧା ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ରେଙ୍ଗାଲିରେ ପ୍ରସ୍ତାବିତ ବିଡ଼ି କାରିଗର ଡାକ୍ତରଖାନା ଫାଇଲ୍ ଉପରେ ମୋଟା ଅଳନ୍ଧୁ ଜମାଟ ବାନ୍ଧିଛି। ଦେଶର ଅନେକ ରାଜ୍ୟରେ ଦୁଇଟି ଲେଖାଏଁ ବିଡ଼ି କାରିଗର ଡାକ୍ତରଖାନା ଥିବାବେଳେ ଆମ ରାଜ୍ୟରେ ଲକ୍ଷଲକ୍ଷ ବିଡ଼ି କାରିଗର ଥାଇ ଗୋଟିଏ ହେଲେ ବିଡ଼ି କାରିଗର ଡାକ୍ତରଖାନା ନାହିଁ।

ସମ୍ବଲପୁର ଜିଲାର ରେଙ୍ଗାଲି, ପରମାଣପୁର ଏବଂ ସମ୍ବଲପୁର ସହରାଞ୍ଚଳରେ ୨ ଲକ୍ଷ ୪୫ ହଜାର ପଞ୍ଜିକୃତ ବିଡ଼ି କାରିଗର ବିଭିନ୍ନ କମ୍ପାନୀର ବିଡ଼ି ତିଆରି କରିଥାନ୍ତି। ପଞ୍ଜିକୃତ ବିଡ଼ି କାରିଗର ବ୍ୟତୀତ ଅଣପଞ୍ଜିକୃତ କାରିଗରଙ୍କ ସଂଖ୍ୟା ପ୍ରାୟ ଦେଢ଼ ଲକ୍ଷ। ରେଙ୍ଗାଲି ବ୍ଲକ ଅଞ୍ଚଳରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ବିଡ଼ି କାରିଗର ଅଛନ୍ତି। ବିଡ଼ି ତିଆରି କାମ ଯୋଗୁଁ କାରିଗରମାନଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରତିକୂଳ ପ୍ରଭାବ ପଡୁଥିବାରୁ କାରିଗରମାନଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସକାଶେ ସମ୍ବଲପୁରରେ ୫୦ ଶଯ୍ୟା ବିଶିଷ୍ଟ ବିଡ଼ି ଡାକ୍ତରଖାନା ପ୍ରତିଷ୍ଠା ପାଇଁ ୨୦୧୦ ମସିହା ଜୁନ୍ ୨୧ ତାରିଖରେ ଭୁବନେଶ୍ୱର ସ୍ଥିତ କେନ୍ଦ୍ର ସରକାରଙ୍କ ୱେଲଫେଆର୍ ଏଣ୍ଡ ସେସ୍ କମିଶନର କାର୍ଯ୍ୟାଳୟରେ ଅନୁଷ୍ଠିତ ବିଡ଼ି ଶ୍ରମିକ କଲ୍ୟାଣ ପାଣ୍ଠି ପରାମର୍ଶଦାତା କମିଟିର ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହା ପରେ ୧୬ ଜୁଲାଇ ୨୦୧୦ ଦିନ ପତ୍ର ସଂଖ୍ୟା ୧୧୭/୫୬/୪/୨୧୦ ମାଧ୍ୟମରେ ୱେଲଫେଆର୍ ଏଣ୍ଡ ସେସ୍ କମିଶନର ଜେ.ଏମ୍ ଶର୍ମା ସମ୍ବଲପୁର ଜିଲ୍ଲାପାଳଙ୍କୁ ସମ୍ବଲପୁରରେ ବିଡି ଶ୍ରମିକ ମାନଙ୍କ ପାଇଁ ୫୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ପ୍ରତିଷ୍ଠା ସକାଶେ ଜମି ଯୋଗାଇ ଦେବାକୁ ଚିଠି କରିଥିଲେ। କମିଶନରଙ୍କ ଚିଠି ପାଇଲା ପରେ ତତ୍କାଳୀନ ଜିଲ୍ଲାପାଳ ରେଙ୍ଗାଲି ମୌଜାର ରାମପଡ଼ାରେ ୨୦ ଏକର ପ୍ରତିତ କିସମ ଜମି ଚିହ୍ନଟ କରି ଆବଶ୍ୟକ ନକ୍ସା ଏବଂ ଅନ୍ୟ କାଗଜାତ ନଥି କରି ୨୦୧୦ ଅଗଷ୍ଟ ୨୪ ତାରିଖ ଚିଠି ନଂ୪୨୮୦ ମାଧ୍ୟମରେ ଏହି ଜମିରେ ବିଡ଼ି ଶ୍ରମିକ ଡାକ୍ତରଖାନା ନିର୍ମାଣ ପାଇଁ ପ୍ରସ୍ତାବ ପତ୍ର ୱେଲଫେଆର୍ ଏଣ୍ଡ ସେସ୍ କମିଶନରଙ୍କ ନିକଟକୁ ପଠାଇଥିଲେ। ରେଙ୍ଗାଲିରେ ବିଡ଼ି ଶ୍ରମିକ ଡାକ୍ତରଖାନା ପ୍ରତିଷ୍ଠା ପାଇଁ ଆବଶ୍ୟକ ଜମି ଯୋଗାଡ଼ ହେଲା ପରେ ୱେଲଫେଆର୍ ଏଣ୍ଡ ସେସ୍ କମିଶନର ଏ ସଂକ୍ରାନ୍ତୀୟ ସମସ୍ତ ଦସ୍ତାବିଜ୍ କେନ୍ଦ୍ର ଶ୍ରମ କଲ୍ୟାଣ ସଚିବଙ୍କ ପାଖକୁ ପଠାଇ ଥିଲେ। ତେବେ ବିଡ଼ମ୍ବନାର ବିଷୟ ଯେ ଇତି ମଧ୍ୟରେ ୧୦ ବର୍ଷ ବିତିଗଲା ପରେ ମଧ ପ୍ରସ୍ତାବିତ ବିଡ଼ି କାରିଗର ଡାକ୍ତରଖାନା ଫାଇଲ୍ ନାଲିଫିତାରେ ବନ୍ଧା ହୋଇ ସଚିବଙ୍କ କାର୍ଯ୍ୟାଳୟରେ ଖତ ଖାଉଛି। ରାଜନେତା ମାନଙ୍କ ଅପାରଗତା ଯୋଗୁଁ ଲକ୍ଷାଧିକ ବିଡ଼ି କାରିଗର ଭ୍ରାମ୍ୟମାଣ ଡିସ୍ପେନସରୀ ମାଧ୍ୟମରେ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ପାଇଥିବାର ଦେଖିବାକୁ ମିଳୁଛି। ତଥାକଥିତ ଭ୍ରାମ୍ୟମାଣ ଡିସ୍ପେନ୍ସରୀ ସେବା ଅଧିକାଂଶ କାରିଗର ମାନଙ୍କ ପାଇଁ ଅପହଞ୍ଚ ହୋଇପଡ଼ିଛି। ସମ୍ବଲପୁର ଜିଲ୍ଲାର ବିଡ଼ି କାରିଗରମାନେ ସମ୍ବଲପୁର, ରେଙ୍ଗାଲି, ପରମାଣପୁର ଏବଂ ରେଢାଖୋଲରେ ଥିବା ଭ୍ରାମ୍ୟମାଣ ଡିସ୍ପେନ୍‌ସରୀ ମାଧ୍ୟମରେ ଯେଣତେଣ ପ୍ରକାରେ ସ୍ୱାସ୍ଥ୍ୟ ସେବା ପାଉଛନ୍ତି। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ସବୁ କାରିଗର ମାନଙ୍କ ପାଖକୁ ପହଞ୍ଚେ ନାହିଁ। ବର୍ଷ ବର୍ଷ ଧରି କେତେକ ନିର୍ଦ୍ଦିଷ୍ଟ ଗାଁକୁ ଭ୍ରାମ୍ୟମାଣ ଦଳ ଯାଉଥିବାରୁ ବହୁ ସଂଖ୍ୟକ କାରିଗର ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଛନ୍ତ। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଏ ସଂକ୍ରାନ୍ତରେ ଯେତେ ଅଭିଯୋଗ କଲେ ବି କେହି ଶୁଣୁନାହାନ୍ତି। ସମ୍ବଲପୁର ଜିଲା ବିଡ଼ି ଶ୍ରମିକ ୟୁନିୟନ ରେଙ୍ଗାଲିରେ ବିଡ଼ି କାରିଗର ଡାକ୍ତରଖାନା ପ୍ରତିଷ୍ଠା ପାଇଁ ବର୍ଷ ବର୍ଷ ଧରି ବାରମ୍ବାର ଦାବିପତ୍ର ଏବଂ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରି ଆସୁଛି।

# ନବଦିନାତ୍ମକ ବୈଠକୀ କୀର୍ତ୍ତନ ଉଦ୍‌ଯାପିତ

ବଲାଙ୍ଗୀର : ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ସଦେଇପାଲିରେ ଶ୍ରୀରାମଲୀଳାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ନବଦିନ ବ୍ୟାପୀ ଚାଲିଥିବା ବୈଠକୀ କୀର୍ତ୍ତନ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ସାମାଜିକକର୍ମୀ କଳାକାର ତଥା ଶିକ୍ଷାବିତ ଡକ୍ଟର ଶ୍ରୀକର ମିଶ୍ର ମୁଖ୍ୟଅତିଥି, ଡାକ୍ତର ପ୍ରମୋଦ କୁମାର ମିଶ୍ର, ବିରଞ୍ଚି ସାଏ ଓ ରମେଶ ଚନ୍ଦ୍ର ନାଏକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ସମାରୋହରେ ମିର୍ଜାପାଲି, ସଦାଇପାଲି (ପୁରୁଷ), ସଦାଇପାଲି (ମହିଳା), ଗେର୍ଡି, ଝାରବଲାଙ୍ଗିର, ବୁଡେଲ, ସାଲେଭଟା ଏବଂ ବରଗଡ ଜିଲ୍ଲାର ଅନୁଗୁଳ ଓ ସାନକୁଞ୍ଜାରୀ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ପୁରୁଣା ରାମଲୀଳା କଳାକାରମାନଙ୍କୁ ସମ୍ମାନୀତ କରାଯାଇଥିଲା। ତନ୍ମଧ୍ୟରୁ ୧୯୪୯ରୁ ଆରମ୍ଭ ହୋଇଥିବା ପ୍ରଥମ ୧୪ବର୍ଷର ତିନିଜଣ ରାମଲୀଳା କଳାକାର ତୀର୍ଥ ସାହୁ, ପବିତ୍ର ନାଏକ, ଲୋହିତ କୁମାର ନାଏକଙ୍କ ସମେତ ଅବିନ୍ଦ୍ର ସେଠ, ବୈଷ୍ଣବ ବାଗ, ଚନ୍ଦ୍ରେଶ୍ୱର ନାଏକ, ଯୋଗୀନ୍ଦ୍ର ସେଠ, ଧୁବା ପୋଢ, ସହଦେବ ସାଏ ଓ ସାନନ୍ଦ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ସତ୍ୟବାଦୀ ନାଏକ, ନନ୍ଦଲାଲ ସାଏ, ସୁଗ୍ରୀ କରଣ, ଜଗଦୀଶ ବଢ଼େଇ, ସୁନାଧର ନାଏକ, ଶମ୍ଭୁ ପ୍ରସାଦ ନାଏକ, ନିରାକାର ସାଏ, କିଶୋର କୁମାର ମିଶ୍ର, ବିଜୟ ପ୍ରସାଦ ମିଶ୍ର, ରାଜେନ୍ଦ୍ର ମିଶ୍ର, ଭଜରାମ ମିଶ୍ର, ଶ୍ରୀରାମ ଚାଉଲିଆ, ଜଗ ହୁଏ, ହର ବରର୍ତ୍ତି, ରାମଦାସ ଭୁଏ, ଅଶୋକ ପଟେଲ, ରୁଦ୍ର ପ୍ରସାଦ ସାଏ, ରବି ରାଉତ, ରାଜେଶ ରାଉତ, ଦିଲ୍ଲିପ ରାଜ ନାଏକ, ପ୍ରତାପ ନାଏକ ଓ ପଦାର୍ଥ ଭୂଏଙ୍କୁ ସମ୍ମାନୀତ କରାଯାଇଥିଲା। ଶେଷରେ ସଂକୀର୍ତ୍ତନ କଳାକାର ତଥା ସାମାଜିକକର୍ମୀ ସୁଲୋଚନା ମିଶ୍ର ଧନ୍ୟବାଦ ଦେଇଥିଲେ। ଆୟୋଜକ କମିଟି ସଂପାଦକ ଡାକ୍ତର ନାରାୟଣ ପ୍ରସାଦ ମିଶ୍ର ଏବଂ ମହେଶ୍ୱରୀ ରାମଜୀ କୀର୍ତ୍ତନ ପାର୍ଟିର ଗାୟକରନ୍ତ ଶମ୍ଭୁପ୍ରସାଦ ନାଏକ, ରାଜେନ୍ଦ୍ର ମିଶ୍ର, ଶ୍ରୀବସ୍ତ ଚନ୍ଦନ, ଗୌରୀ ନାଏକ, ମାଖନୁ ପରୁଆ, ଗଣେଶ ପଟେଲ ତଥା ରାଧେରାଧେ ସଂକୀର୍ତ୍ତନ ଦଳର ସୁଲୋଚନା ମିଶ୍ର, ବାସନ୍ତୀ ନାଏକ, ସୁରଭା ସାଏ, ଧାଇ ଭୋଇ, ଗୁରୁବାରୀ ଚନ୍ଦନ, ପଦ୍ମିନୀ ସେଟ ପ୍ରମୁଖ ଆୟୋଜନ କରିବାରେ ସକ୍ରିୟ ଭୂମିକା ତୁଲାଇଥିଲେ।

# ପଦ୍ମ ଧରିଲେ ପ୍ରବୋଧ ତିର୍କୀ

ସୋନପୁର: ପୂର୍ବତନ ଅନ୍ତର୍ଜାତୀୟ ହକି ଖେଳାଳି ତଥା ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପ୍ରବୋଧ ତିର୍କୀ ବିଜେପିରେ ଯୋଗ ଦେଇଛନ୍ତି। ସୁବର୍ଣ୍ଣପୁର ରାମେଶ୍ୱର ଷ୍ଟାଡିୟମରେ ଭାଜପାର ବିଜୟ ସଂକଳ୍ପ ସମାବେଶରେ ଶ୍ରୀ ତିର୍କୀ ବିଜେପିରେ ଯୋଗ ଦେଇଛନ୍ତି। ଏହି ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ବଲାଙ୍ଗୀର ଏମ୍ ସଙ୍ଗୀତା କୁମାରୀ ସିଂହଦେଓ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ସୁନ୍ଦରଗଡ ଜିଲ୍ଲା ତଳସରା ବିଧାନସଭା ଆସନ ପାଇଁ ପ୍ରଥମେ କଂଗ୍ରେସ ଦଳ ପକ୍ଷରୁ ପ୍ରବୋଧଙ୍କୁ ଟିକେଟ୍ ମିଳିଥିଲା। କିନ୍ତୁ ପରେ ଦଳ ତାଙ୍କ ଟିକେଟ୍ କାଟିଥିଲା। ସେହି ଆସନରେ ଦଳ ପ୍ରାର୍ଥୀ ବଦଳାଇ ଥିଲା। ଏଥିରେ ସେ କ୍ଷୁବ୍ଧ ହୋଇ କଂଗ୍ରେସ ଦଳରୁ ଇସ୍ତଫା ଦେଇଥିଲେ।

# ଭାରତୀ କଳା ବିକାଶ କେନ୍ଦ୍ରର ବାର୍ଷିକୋତ୍ସବ ଉଦ୍‌ଯାପିତ

ବୁର୍ଲା : ଭାରତୀ କଳା ବିକାଶ କେନ୍ଦ୍ରର ତିନିଦିନିଆ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁମ୍ବାଇ ଅଖିଳ ଭାରତୀୟ ଗାନ୍ଧର୍ବ ମହାବିଦ୍ୟାଳୟର ସାଧାରଣ ସମ୍ପାଦକ ତଥା ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ଯାମିନୀକାନ୍ତ ମିଶ୍ର ମୁଖ୍ୟ ଅତିଥି ଓ ରାଉରକେଲାର ବିଶିଷ୍ଟ ତବଲା ଗୁରୁ ବିଜୟ ଚନ୍ଦ୍ର ମୋହିନୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ର ସଭାପତି ଇଂ ସୁଧୀର ସାହୁ, ଉପସଭାପତି ଲକ୍ଷ୍ମୀଧର ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ଓ ନୃତ୍ୟ ନିର୍ଦ୍ଦେଶକ ଶଶାଙ୍କ ଶେଖର ଦୁବେଙ୍କୁ 'ଭାରତୀ ସମ୍ମାନ ୨୦୨୪'ରେ ସମ୍ମାନିତ କରାଯାଇଥିଲା।

ସାଧାରଣ ସମ୍ପାଦକ ନିରଞ୍ଜନ ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ସମ୍ପାଦକ ପ୍ରମୋଦ ଦାଶ ସ୍ୱାଗତ ଭାଷଣ ଦେଇ ମଞ୍ଚ ପରିଚାଳନା କରିଥିଲେ। କୃତୀ ଛାତ୍ରଛାତ୍ରୀ ସୁଶ୍ରୀ ପୂଜା ପରମିତା ସାହୁ, ଶୃତି ସମ୍ପନ୍ନା ଶର୍ମା, ସର୍ବାଣୀ ରଥ, ଆରୁଷି ଦାସ, ଆଦର୍ଶ ଅଭିରୂପ ସାହୁ, ସଂସ୍କୃତି ମିଶ୍ର, ଶୀତଲ ମହାକୁଡ଼ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଉପସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ବିଶିଷ୍ଟ କଣ୍ଠଶିଳ୍ପୀ ଓ ବାଦ୍ୟଶିଳ୍ପୀ କାଳିଚରଣ ପାଢ଼ୀ, ରଶ୍ମିରଞ୍ଜନ ଶତପଥୀ, ଅଚ୍ୟୁତାନନ୍ଦ ଠେଲା, ଶିବ ପ୍ରସାଦ ସ୍ୱାଇଁ, ନିରଞ୍ଜନ ପଟ୍ଟନାୟକ, ସିଦ୍ଧାର୍ଥ ପଣ୍ଡା, ଫଗୁନ୍ ସେଠ, ପ୍ରତିମା ମାହାଣା, ସତ୍ୟବ୍ରତ ସାହୁ, ମନୋଜ ରଣା, ଗଜେନ୍ଦ୍ର ବଘାର, ମହେନ୍ଦ୍ର ପଞ୍ଚବିହାର, ଜଗଦୀଶ ଦନ୍‌ସନା, ପ୍ରଭାତ ପ୍ରଧାନ, ପ୍ରାଣବନ୍ଧୁ ବଢ଼େଇ, ପ୍ରାଞ୍ଜଳ ବଢ଼େଇ, ପ୍ରେମାନନ୍ଦ ନାୟକ, ଶଶିଭୂଷଣ ଦେହୁରୀ, ରମାକାନ୍ତ ତାଣ୍ଡିଆ ଓ ଲକିଙ୍କୁ ନେଇ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସୁନୀଲ ତୁଲି, ଲୋକେଶ୍ୱର ନାୟକ, ସୁପ୍ରସନ୍ନା ଦାଶ, ସୁକାନ୍ତ ଦୀପ, ଅଶ୍ୱିନୀ ଆଚାର୍ଯ୍ୟ, କୈଳାଶ ଚନ୍ଦ୍ର ମିଶ୍ର, ନୀଳମଣି ସାହୁ, ଶାନ୍ତନୁ ନାୟକ, ବ୍ରଜବନ୍ଧୁ ପଧାନ, ଶିବଶଙ୍କର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ସେଲ୍‌ଫି ପଏଣ୍ଟରେ ଫଟୋ ଉଠାଇଲେ ଜିଲ୍ଲାପାଳ

ଝାରସୁଗୁଡ଼ା : ସ୍ଥାନୀୟ ଶୁକ୍ରବାର ବଜାର ହାଟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଦସ୍ତଖତ ଅଭିଯାନ ସହ ସେଲ୍‌ଫି ପଏଣ୍ଟରେ ନିଜେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଆବୋଲୀ ସୁନୀଲ ନରୱଣେ ସାମିଲ ହୋଇଥିଲେ। ଗଣତନ୍ତ୍ରର ମହାନ ପର୍ବ ନିର୍ବାଚନରେ ସମସ୍ତ ଭୋଟର ସାମିଲ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ସକାଳେ ପିଡବ୍ଲ୍ୟୁଡି କାର୍ଯ୍ୟାଳୟ ସମ୍ମୁଖ ଶୁକ୍ରବାର ବଜାର ସମ୍ମୁଖରେ ଭୋଟର ସଚେତନତା। କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର ନାୟକ, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଓ କିଶୋରଚନ୍ଦ୍ର ସ୍ୱାଇଁ, ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ପୌର ପରିଷଦ ନିର୍ବାହୀ ଅଧିକାରୀ ଦିଲ୍ଲୀପ ମହାନ୍ତିଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ।


## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ।


# ତିରୁପତି ମନ୍ଦିରର ବ୍ୟାଙ୍କ ଜମା ୧୦ ହଜାର କୋଟି

ବିଶାଖାପାଟନା : ଆନ୍ଧ୍ର ପ୍ରଦେଶରେ ଥିବା ତିରୁପତି ମନ୍ଦିର ଦେଶର ଅନ୍ୟତମ ପ୍ରମୁଖ ଧନୀ ମନ୍ଦିର ଭାବେ ପରିଗଣିତ ହୋଇଥାଏ। ଏବେ ଏହି ମନ୍ଦିର ପୁଣି ଚର୍ଚ୍ଚାକୁ ଆସିଛି। ଭଗବାନ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରର ପରିଚାଳନା କରୁଥିବା ଟ୍ରଷ୍ଟ ତିରୁମାଳା ତିରୁପତି ଦେବସ୍ଥାନମ୍ ଏବର୍ଷ ପୁଣି ୧୦୦୦ କୋଟି ଟଙ୍କାରୁ ଅଧିକ ଫିକ୍ସଡ ଜମା ରଖିଛି।

ଏକ ରିପୋର୍ଟ ଅନୁଯାୟୀ, ମନ୍ଦିର ଟ୍ରଷ୍ଟ ଚଳିତବର୍ଷ ୧୧୬୧ କୋଟି ଟଙ୍କାର ଫିକ୍ସଡ ଜମା ରଖିଛି। ବିଶ୍ୱରେ ଯେକୌଣସି ମନ୍ଦିର କୌଣସି ବର୍ଷରେ ଏତେ ପରିମାଣର ଫିକ୍ସଡ ଜମା ରଖି ନ ଥିଲା।

ଏହା ପୂର୍ବରୁ ୨୦୨୩ ରେ ଉକ୍ତ ମନ୍ଦିର ଟ୍ରଷ୍ଟ ୭୫୭ କୋଟି ଟଙ୍କାର ଫିକ୍ସଡ ଜମା ରଖିଥିଲା। ଗତ ୧୨ ବର୍ଷ ମଧ୍ୟରେ ଦ୍ୱିତୀୟ ଥର ପାଇଁ ୧୦୦୦ କୋଟିରୁ ଅଧିକ ମିଆଦି ଜମା ଉକ୍ତ ଟ୍ରଷ୍ଟ ରଖିଛି। ଏହା ପୂର୍ବରୁ ମନ୍ଦିର ଟ୍ରଷ୍ଟ, ୨୦୧୬ ମସିହାରେ ରେକର୍ଡ ୧୧୫୩ କୋଟି ଟଙ୍କାର ଫିକ୍ସଡ ଜମା କରିଥିଲା।

ତଥ୍ୟରୁ ଏହା ଜଣାଯାଇଛି ଯେ ଗତ ୧୨ ବର୍ଷ ମଧ୍ୟରେ କେବଳ ୩ ଥର ମନ୍ଦିରର ଫିକ୍ସଡ ଡିପୋଜିଟ୍ ୫୦୦ କୋଟି ଟଙ୍କାରୁ କମ୍ ରହିଛି। ୨୦୨୧ ଏବଂ ୨୦୨୨ରେ ଯେଉଁ ହ୍ରାସ ଦେଖାଦେଇଛି ତାହା କରୋନା ମହାମାରୀ ପାଇଁ ଲାଗିଥିବା କଟକଣା କାରଣରୁ ବୋଲି ଜଣାଯାଇଛି। ୨୦୧୨ ମସିହା ପର୍ଯ୍ୟନ୍ତ ତିରୁପତି ଦେବସ୍ଥାନମ ନିକଟରେ ମୋଟ ୪୮୨୦ କୋଟିର ଫିକ୍ସଡ ଡିପୋଜିଟ୍ ରହିଥିଲା। ଏହାପରେ ୨୦୧୩ରୁ ୨୦୨୪ ସୁଦ୍ଧା ଗତ ୧୨ ବର୍ଷ ମଧ୍ୟରେ ୮୪୬୭ କୋଟି ଟଙ୍କାର ଏଫ୍‌ଡି ରଖାଯାଇଛି। ମନ୍ଦିର ସହ ଜଡ଼ିତ ଅନ୍ୟ ଟ୍ରଷ୍ଟ ଯଥା ଶ୍ରୀ ଭେଙ୍କଟେଶ୍ୱର ନିତ୍ୟ ଅନ୍ନପ୍ରସାଦମ ଟ୍ରଷ୍ଟ, ଶ୍ରୀ ଭେଙ୍କଟେଶ୍ୱର ପ୍ରାଣଦାନମ ଟ୍ରଷ୍ଟ ଆଦି ନିକଟରେ ୫୫୨୯ କୋଟି ଟଙ୍କାର ଏଫ୍‌ଡି ରହିଛି। ତେଣୁ ମୋଟ ଭାବେ ଦେଖିଲେ ମନ୍ଦିର ନିକଟରେ ମୋଟ ୧୮,୮୧୭ କୋଟି ଟଙ୍କାର ଜମାରାଶି ରହିଛି।

ମନ୍ଦିରର ଏଫଡିରୁ ବର୍ଷକୁ ୧୬୦୦ କୋଟି ଟଙ୍କା ସୁଧ ଆସୁଛି। ଏଥିସହିତ ମନ୍ଦିର ନିକଟରେ ମଧ ପ୍ରବଳ ସୁନା ରହିଛି। ଚଳିତବର୍ଷ ଟ୍ରଷ୍ଟ ୧୦୩୧ କିଲୋ ସୁନା ଜମା କରିଛି। ଏଥିଯୋଗୁଁ ମନ୍ଦିରର ମୋଟ ସୁନା ଭଣ୍ଡାର ବର୍ତ୍ତମାନ ୧୧ ହଜାର ୩୨୯ କିଲୋରେ ପହଞ୍ଚିଛି।


## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement - 100% Extra | | |

# ବିଶ୍ୱ ଖ୍ୟାତି ହାସଲ ଦିଗରେ ଭାରତର ଯାତ୍ରା ଜାରି ରହିଛି: ପି.କେ. ମିଶ୍ର

ନୂଆଦିଲ୍ଲୀ: ସମ୍ପ୍ରତି ଭାରତ ସାମାଜିକ-ଆର୍ଥିକ ବିକାଶ କ୍ଷେତ୍ରରେ ବୈଶ୍ୱିକ ଖ୍ୟାତି ହାସଲ ଦିଗରେ ଦେଶର ଗୁରୁତ୍ୱପୂର୍ଣ୍ଣ ଯାତ୍ରା ଜାରି ରଖିଛି ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର କହିଛନ୍ତି ।



ଭାରତର ପ୍ରଶାସନିକ ସେବାର ଦକ୍ଷତା ବୃଦ୍ଧି ଆବଶ୍ୟକତା ଉପରେ କେନ୍ଦ୍ରୀୟ ପ୍ରଶିକ୍ଷଣ ଅନୁଷ୍ଠାନ (ସିଟିଆଇ) ପକ୍ଷରୁ ଆୟୋଜିତ କର୍ମଶାଳାରେ ଆଭାସି ମାଧମରେ ଉଦ୍‌ବୋଧନ ଦେଇ ଡକ୍ଟର ମିଶ୍ର କହିଥିଲେ ଯେ, ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ହାସଲ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ୟ ରହିଛି । ବିକଶିତ ଭାରତ ଲକ୍ଷ୍ୟ ହାସଲ ଲାଗି ପ୍ରଶାସନିକ କର୍ମଚାରୀମାନେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣିବା, ସୁଶାସନ ନୀତି ବଜାୟ ରଖିବା ଏବଂ ନାଗରିକଙ୍କୁ ଦକ୍ଷ ଓ ପ୍ରଭାବୀ ସେବା ଯୋଗାଇବା ପାଇଁ ସଶକ୍ତ ହେବା ଜରୁରୀ ।

ସମୟକ୍ରମେ ସରକାରଙ୍କ କାର୍ଯ୍ୟରେ ପରିବର୍ତ୍ତନ ସଂକ୍ରାନ୍ତରେ ମନ୍ତବ୍ୟ ଦେଇ ଡକ୍ଟର ମିଶ୍ର କହିଥିଲେ ଯେ, ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ଜନସଂଖ୍ୟାର ଏକ ବଡ଼ ଅଂଶ ଦାରିଦ୍ର୍ୟ ସୀମାରେଖା ତଳେ ଥିବାରୁ ଆଜି ସରକାରଙ୍କ ଠାରୁ ସେମାନଙ୍କ ଆଶା ଭିନ୍ନ ରହିଛି । ତେଣୁ ନିୟାମକ ପରିବର୍ତ୍ତେ ଆମକୁ ସମର୍ଥକ ହେବାକୁ ପଡ଼ିବ । ସେ କହିଛନ୍ତି, ଆମର ଅନେକ ପ୍ରଶାସନିକ କର୍ମଚାରୀ ଆଜି ଭଲ ପ୍ରଦର୍ଶନ କରୁଛନ୍ତି । କିନ୍ତୁ ଦକ୍ଷତା ବୃଦ୍ଧି ଦିଗରେ ଏକ ସଂସ୍ଥାଗତ ତଥା ସୁଚିନ୍ତିତ ଆଭିମୁଖ୍ୟ ପ୍ରତ୍ୟେକ ପ୍ରଶାସନିକ କର୍ମଚାରୀଙ୍କୁ ଉତ୍ତମ ପ୍ରଦର୍ଶନ କରିବାରେ ସହାୟକ ହୋଇ ପାରିବ । ଦକ୍ଷତା ବୃଦ୍ଧି ଆୟୋଗ (ସିବିସି) ଦକ୍ଷତାକୁ ବ୍ୟାଖ୍ୟା ଓ ବୁଝିବା ପାଇଁ ଏକ ସ୍ୱଦେଶୀ ସାର୍ବଜନୀନ ମାନବସମ୍ବଳ ପରିଚାଳନା ଢାଞ୍ଚା 'କର୍ମଯୋଗୀ ଦକ୍ଷତା ମଡେଲ' ବିକଶିତ କରୁଛି ବୋଲି ସେ ସୂଚନା ଦେଇଛନ୍ତି ।

ସରକାରୀ କର୍ମଚାରୀଙ୍କୁ ଦିଆଯାଉଥିବା ପ୍ରଶିକ୍ଷଣ ଢାଞ୍ଚାରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ଡକ୍ଟର ମିଶ୍ର କହିଲେ ଯେ ପ୍ରତ୍ୟେକ କର୍ମଚାରୀଙ୍କ ନିକଟରେ ଠିକ୍ ମନୋଭାବ ଓ ଦକ୍ଷତା ପହଞ୍ଚିଲେ ହିଁ ଶାସନର ପରିବର୍ତ୍ତନ ହେବ । ଡିଜିଟାଲ ବିପ୍ଳବ ସରକାରୀ ସେବାର ଦକ୍ଷତା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବୃଦ୍ଧି ପାଇଁ ଅଭୂତପୂର୍ବ ସୁଯୋଗ ପ୍ରଦାନ କରୁଛି । ଇ-ଲର୍ଣ୍ଣିଂ ପ୍ଲାଟଫର୍ମ ଓ ଭର୍ଚୁଆଲ୍ କ୍ଲାସରୁମରୁ ଡାଟା ଆନାଲିଟିକ୍ସ ଓ ଏଆଇକୁ ଯିବାର ଆବଶ୍ୟକତା ରହିଛି । ଡାଟା ଆନାଲିଟିକ୍ସ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) କ୍ଷେତ୍ରରେ ଉଦୀୟମାନ ଜ୍ଞାନକୌଶଳ ଜୀବନର ପ୍ରତ୍ୟେକ ଦିଗରେ ବିପ୍ଳବ ଆଣିଛି । ଆମ ପ୍ରଶାସନିକ ସେବା ପ୍ରଯୁକ୍ତି ଶକ୍ତିର ଉପଯୋଗ କରିବାରେ ସମର୍ଥ ହେବା ଦରକାର ଏବଂ ଏଥିପାଇଁ ଅଧିକାରୀମାନଙ୍କୁ ପ୍ରଥମ ପର୍ଯ୍ୟାୟରୁ ଜ୍ଞାନକୌଶଳ ସହିତ ପରିଚିତ କରାଇବା ଉଚିତ ।

## ଆଗାମୀ ସାଧାରଣ ନିର୍ବାଚନ ୨୦୨୪ ପାଇଁ ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କ ପ୍ରଶିକ୍ଷଣ



ସମ୍ବଲପୁର: ମାଇକ୍ରୋ ଅବଜର୍ଭର ମାନଙ୍କର ଏକ ପ୍ରଶିକ୍ଷଣ ଶିବିର ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୬୦ ଜଣ କ୍ଷୁଦ୍ର ପର୍ଯ୍ୟବେକ୍ଷକ ପ୍ରଶିକ୍ଷଣ ଗ୍ରହଣ କରିଥିଲେ ।

ନିର୍ବାଚନ ପ୍ରକ୍ରିୟା, ଇ.ସି.ଆଇ ଗାଇଡଲାଇନ ଏବଂ ନିର୍ଦ୍ଦେଶ ବିଷୟରେ ସଚେତନ କରାଇବା ସହିତ ମାଇକ୍ରୋ- ପର୍ଯ୍ୟବେକ୍ଷକ ଭାବରେ ସେମାନଙ୍କ ଭୂମିକା ଏବଂ ଦାୟିତ୍ୱ ବିଷୟରେ ଜିଲ୍ଲାପାଳ ସେମାନଙ୍କୁ ତାଲିମ ଦେଇଥିଲେ । ସିଡିଓ-କମ ଇଓ ଶ୍ରୀ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଚାରୁ କୁମାର ବଳ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ସଦର ଡକ୍ଟର ପୁଷ୍ପାଞ୍ଜଳି ପଣ୍ଡା, ଡେପୁଟି କଲେକଟର ଇଲେକସନ ଶ୍ରୀ ସଞ୍ଜୀବ କୁମାର ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

## ସାଇରାଜ ମିଶ୍ର ସମ୍ମାନିତ



ବଲାଙ୍ଗୀର : ଇଣ୍ଡିଏନ୍ ସିଭିଲ୍ ସାର୍ଭିସ୍ ପରୀକ୍ଷାରେ ୫୯୧ ର୍‍ୟାଙ୍କ ରଖିଥିବା ଶ୍ରୀ ସାଇରାଜ ମିଶ୍ରଙ୍କୁ ବିଶ୍ୱାତ୍ମ ବିଦ୍ୟାମନ୍ଦିର ପକ୍ଷରୁ ସମ୍ମାନିତ କରାଯାଇଛି । ଏହି ଅବସରରେ ବିଶ୍ୱାତ୍ମ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ଏକ ଉତ୍ସବରେ ଏହାର ପ୍ରତିଷ୍ଠାତା ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞା ନନ୍ଦ ସରସ୍ୱତୀ ଶ୍ରୀ ମିଶ୍ରଙ୍କୁ ସମ୍ମାନିତ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଶ୍ରୀ ମିଶ୍ର ବିଶ୍ୱାତ୍ମ ବିଦ୍ୟାମନ୍ଦିରର ଜଣେ ପୁରାତନ ଛାତ୍ର ଅଟନ୍ତି ।

## ଜନ୍ମେଜୟ ବାବୁ ପାଇଲେ ଝଙ୍କାର ଅନୁବାଦ ଭାରତୀ ପୁରସ୍କାର



ସମ୍ବଲପୁର : ବିଶିଷ୍ଟ ସାହିତ୍ୟିକ ତଥା ଅନୁବାଦକ ଶ୍ରୀ ଜନ୍ମେଜୟ ବାବୁ ଚଳିତ ବର୍ଷ ଝଙ୍କାର ଅନୁବାଦ ଭାରତୀ ପୁରସ୍କାର ପାଇଛନ୍ତି । ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ନିକଟରେ ଆୟୋଜିତ ୭୫ତମ ବିଷୁବ ମିଳନରେ ଶ୍ରୀ ବାବୁଙ୍କୁ ଏହି ପୁରସ୍କାର ଦିଆଯାଇଛି । ପୁରସ୍କାର ସ୍ୱରୂପ ନଗଦ ୧୦ ହଜାର ଟଙ୍କା ଶ୍ରୀ ବାବୁ ପାଇଛନ୍ତି ।

## ବଂଶୀଧର କର ପାଇଲେ ସେବାରତ୍ନ ସମ୍ମାନ

ସମ୍ବଲପୁର : କଳାରତ୍ନ ବଂଶୀଧର କରଙ୍କୁ କଟକର 'ଅଭୀପସା' ଅନୁଷ୍ଠାନ ପକ୍ଷରୁ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ଦୀର୍ଘ ବର୍ଷର ତପସ୍ୟା, ସାଧନାର ସ୍ମାରକୀ ସ୍ୱରୂପ ସେବାରତ୍ନ ପୁରସ୍କାର ପ୍ରଦାନ କରାଯାଇଛି । ଶ୍ରୀ କର ସମ୍ବଲପୁର ଫେରିବା ପରେ ସମ୍ବଲପୁରରେ ଶୁଭେଚ୍ଛା ତଥା ବହୁ ବିଶିଷ୍ଟ ବ୍ୟକ୍ତି ଓ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପ୍ରକୃତି ଓ ପରିବେଶ ତଥା ବିପଦ ବେଳର ବନ୍ଧୁ ଭାବରେ ସମାଜର ବିଭିନ୍ନ କ୍ଷେତ୍ରରେ ସେବା ଯୋଗାଇ ଦେଉଥିବା ଶ୍ରୀ କରଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।



# ସମ୍ବଲପୁରରେ ମେ ୧୦ରୁ ରବିଧାନ ସଂଗ୍ରହ ହେବ

ସମ୍ବଲପୁର: ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟିର ଏକ ବୈଠକ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ମେ ୧୦ରୁ ସମ୍ବଲପୁର ଜିଲ୍ଲାରେ ଚଳିତବର୍ଷ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଧାନକ୍ରୟ ପାଇଁ ଜିଲାର ୯ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି)ଙ୍କ ସହିତ ୩୦ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଓ ବୃହତ ଅଞ୍ଚଳ ବହୁମୁଖୀ ସମିତି(ଲାମ୍ପ) ଅଂଶଗ୍ରହଣ କରିବେ । ସେହିପରି ଧାନ ସଂଗ୍ରହ ପାଇଁ ସମଗ୍ର ଜିଲ୍ଲାରେ ୬୧ଟି ଧାନକ୍ରୟ କେନ୍ଦ୍ର ଖୋଲାଯିବ । ଧାନ କଷ୍ଟମ ମିଲିଂ ପାଇଁ ଚଳିତ ବର୍ଷ ମୋଟ ୪୬ଜଣ ମିଲର ଅଂଶଗ୍ରହଣ କରିବେ । ଧାନ ବିକ୍ରୟ ପାଇଁ ୧୫,୫୬୮ ଜଣ ଚାଷୀ ପଞ୍ଜିକରଣ ପାଇଁ ଆବେଦନ କରିଥିବା ବେଳେ ଯାଞ୍ଚ ପରେ ୧୫,୫୩୪ଙ୍କୁ ପଞ୍ଜିକରଣ କରାଯାଇଛି । ଅନଲାଇନ୍ ମୋଡ୍‌ରେ ରିଅଲ୍ ଟାଇମ୍ କ୍ରୟ ପାଇଁ ପି-ପାସ୍ ଜରିଆରେ ପଞ୍ଜିକୃତ ଚାଷୀଙ୍କଠାରୁ ଧାନ କ୍ରୟ କରାଯିବ । ଏଥିପାଇଁ ଚାଷୀମାନଙ୍କୁ କେନ୍ଦ୍ରୀୟ ଟୋକନ୍ ଜାରି କରାଯିବ । ଉକ୍ତ ଟୋକନଗୁଡ଼ିକୁ ସମ୍ପୃକ୍ତ କୃଷକଙ୍କ ପଞ୍ଜିକୃତ ମୋବାଇଲକୁ ଏସ୍ଏସ୍ଏସ୍ ମାଧମରେ ପ୍ରେରଣ କରାଯିବ । କେବଳ ଆଧାର ପ୍ରମାଣପତ୍ର ଓ ଆଇରିସ୍ ସ୍କାନର ଜରିଆରେ ଚିହ୍ନଟ ପଞ୍ଜିକୃତ ଚାଷୀଙ୍କଠାରୁ ଧାନ କିଣାଯିବ । ଧାନ କ୍ରୟ ପରେ ୨୪ରୁ ୪୮ଘଣ୍ଟା ମଧ୍ୟରେ ଧାନର ପରିମାଣ ଅନୁଯାଇ ସମ୍ପୃକ୍ତ ଚାଷୀଙ୍କ ବ୍ୟାଙ୍କ ଜମାଖାତାରେ ଧାନ ବିକ୍ରୟ ରାଶି ଅନ୍‌ଲାଇନ୍ ମୋଡ୍‌ରେ ଜମା କରାଯିବ । ସମସ୍ତ ପ୍ରସ୍ତାବିତ ମାର୍କେଟ୍ ୟାର୍ଡ ଓ ଧାନକ୍ରୟ କେନ୍ଦ୍ରଗୁଡ଼ିକ ଗୁରୁବାର ୨୫ତାରିଖଠାରୁ କାର୍ଯ୍ୟକ୍ଷମ ହେବ । ୨୦୨୩ ୨୪ ରେ ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୧୮୩ ଟଙ୍କା ଏବଂ ଗ୍ରେଡ୍ 'ଏ'



ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୨୦୩ ଟଙ୍କା ଧାର୍ଯ୍ୟ ହୋଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଗ୍ରୀଷ୍ମ ପ୍ରବାହ ଓ ପ୍ରାକ ମୌସୁମୀକୁ ଦୃଷ୍ଟିରେ ରଖି ସମସ୍ତ ଧାନକ୍ରୟ କେନ୍ଦ୍ରଗୁଡ଼ିକରେ ଯେକୌଣସି ଅସୁବିଧା ବା ସମସ୍ୟାର ମୁକାବିଲା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ଦାୟିତ୍ୱରେ ଥିବା ଆର୍‌ଏମ୍‌ସି ସମ୍ପାଦକମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେଥିମଧ୍ୟରେ ସମସ୍ତ କ୍ରୟ କେନ୍ଦ୍ରରେ ପାନୀୟ ଜଳ, ବିଜୁଳି, ଛାଇ ପାଇଁ ତାରପୋଲିନ ଓ ଚାଷୀଙ୍କ ପାଇଁ ଆଶ୍ରୟସ୍ଥଳିର ବ୍ୟବସ୍ଥା ସହିତ ଯଥେଷ୍ଟ ପରିମାଣର ଓଆର୍‌ଏସ୍ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଗତ ବର୍ଷମାନଙ୍କରେ ଧାନ ସଂଗ୍ରହ ସମୟରେ ହେଉଥିବା କଟନୀ ବା ଅନ୍ୟ କୌଣସି ଅନିୟମିତତାକୁ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଚଳିତ ବର୍ଷ ଏକ ସବ୍ କମିଟି ଗଠନ କରାଯାଇଛି । ଉକ୍ତ ସବ୍‌କମିଟି ଧାନ ସଂଗ୍ରହ ପ୍ରକ୍ରିୟାରେ ଯେକୌଣସି ଅନିୟମିତତା ଉପରେ ନଜର ରଖିବ । ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ପରେ ଅନୁଷ୍ଠିତ ବୈଠକରେ ଉକ୍ତ ସବ୍-କମିଟି ସମସ୍ତ ଅନିୟମିତାର ସମୀକ୍ଷା କରିବ । ମିଲର୍‌ମାନେ କଟନୀ ଛଟନୀକୁ ଅଧିକ ପ୍ରୋତ୍ସାହିତ କରୁଥିବା ବେଳେ ଏଭଳି କୌଣସି ଖବର ମିଳିଲେ ସମ୍ପୃକ୍ତ ମିଲରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି ।

ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଅଜାମ୍ବର ମହାନ୍ତି, କୁଚିଣ୍ଡା ଉପ ଜିଲ୍ଲାପାଳ ହେମସାଗର ଭୋଇ, ଜିଲ୍ଲା ମୁଖ୍ୟକୃଷି ଅଧିକାରୀ ଗୌରୀ ଶଙ୍କର ସିଂ, ଜିଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ, ଅତିରିକ୍ତ ଯୋଗାଣ ଅଧିକାରୀ ବୀରେନ୍ଦ୍ର ସୋରେଇ, ସଦର ଅତିରିକ୍ତ ଯୋଗାଣ ଅଧିକାରୀ ସୌଭାଗ୍ୟ ନାୟକ, ଅତିରିକ୍ତ ଯୋଗାଣ ଅତିରିକ୍ତ ଯୋଗାଣ ଅଧିକାରୀ(ଏସ୍ଏନ୍‌ସି) ବିଶ୍ୱରଞ୍ଜନ ସାହୁ, ଜିଲା ଚାଷୀ ସଙ୍ଗଠନ କର୍ମକର୍ତ୍ତା, ମିଲର୍ସ ପ୍ରତିନିଧି ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

## କୋଇଲା ବିଭାଗ ଅତିରିକ୍ତ ସଚିବଙ୍କ ଏମସିଏଲ ପରିଦର୍ଶନ




ବୁର୍ଲା : କେନ୍ଦ୍ର କୋଇଲା ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଏନ. ନାଗାରାଜୁ ଏମ୍.ସି.ଏଲ୍ ପରିଦର୍ଶନରେ ଆସି ଏହାର କାର୍ଯ୍ୟକଳାପ ସମ୍ପର୍କରେ ସମୀକ୍ଷା କରିଥିଲେ । ଶ୍ରୀ ନାଗାରାଜୁ ଏରିଆ ଜେନେରାଲ ମ୍ୟାନେଜର ମାନଙ୍କ ସହ ଆଲୋଚନା କରି ବିଗତ ଆର୍ଥିକ ବର୍ଷରେ ଏମସିଏଲର କାର୍ଯ୍ୟର ପ୍ରଶଂସା କରିଥିଲେ । ବୈଠକରେ ଏମସିଏଲର ସିଏମଡି ଶ୍ରୀ ଉଦୟ ଅନନ୍ତ କାଓଲେ ସ୍ୱାଗତ ଭାଷଣ ଦେଇଥିଲେ ।

## ଏମଜିଏମଆଇ ଗଲ୍ଫ ପ୍ରତିଯୋଗିତାରେ ଏମ୍‌ସିଏଲ ଚମ୍ପିଆନ



ବୁର୍ଲା : ନିକଟରେ କଳିକତାରେ ଅନୁଷ୍ଠିତ ଏମଜିଏମଆଇ ପ୍ରେସିଡେଣ୍ଟ ଅଫ୍ ଗଲ୍ଫ ପ୍ରତିଯୋଗିତାରେ ଏମ୍‌ସିଏଲ୍ ଦଳ ଚମ୍ପିଆନ ହୋଇଛି । ଏଥିପାଇଁ ଖେଳାଳି ମାନଙ୍କୁ ଏମ୍‌ସିଏଲ୍‌ର ସିଏମ୍‌ଡି ଉଦୟ ଅନନ୍ତ କାଓଲେ ଅଭିନନ୍ଦନ ଜଣାଇଛନ୍ତି । ଖେଳାଳୀମାନଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ ହୋଇଥିବା ଉତ୍ସବରେ ବିତ୍ତ ନିର୍ଦ୍ଦେଶକ ଶ୍ରୀ ଏ.କେ. ବେହୁରା ମଧ ଉପସ୍ଥିତ ଥିଲେ ।

## ସିଦ୍ଧେଶ୍ୱରୀ ଜଣାଣ ପୁସ୍ତକ ଉନ୍ମୋଚିତ

ସମ୍ବଲପୁର : ବିଶିଷ୍ଟ ସମ୍ବଲପୁରୀ କବି ସ୍ୱର୍ଗତ ସତ୍ୟନାରାୟଣ ବହିଦାରଙ୍କ ଦ୍ୱାରା ରଚିତ ପୁସ୍ତକ 'ସିଦ୍ଧେଶ୍ୱରୀ ଜଣାଣ' ଉନ୍ମୋଚିତ ହୋଇଯାଇଛି । ଏହି ଅବସରରେ



ସିଦ୍ଧେଶ୍ୱରୀ ଧର୍ମ ସଂସଦ ପକ୍ଷରୁ ଆୟୋଜିତ ଉତ୍ସବରେ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପୁସ୍ତକ ଉନ୍ମୋଚନ କରିଥିଲେ । ସଂସଦର ସଭାପତି ଗୋପୀନାଥ ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଜନ୍ମେଜୟ ବାବୁ, ଅମୀୟ ପାଣି, ସବିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ । ସହ ସମ୍ପାଦିକା ସବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଟିପିଡବ୍ଲୁଓଡିଏଲର ନୂତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

ବୁର୍ଲା: ଟିପିଡବ୍ଲ୍ୟୁଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ପ୍ରବୀଣ କୁମାର ବର୍ମା ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବରୁ ଏହି ପଦବୀରେ ଥିବା ଶ୍ରୀ ଗଜାନନ କାଲେଙ୍କୁ ଏଠାରୁ ବଦଳି କରାଯାଇ ଦିଲ୍ଲୀର ସି.ଇ.ଓ ଭାବେ ନିଯୁକ୍ତି ଦିଆଯାଇଛି । ଶ୍ରୀ ବର୍ମାଙ୍କ ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ପ୍ରାୟ ଅଢେଇ ଦଶନ୍ଧିରୁ ଅଧିକ ଅଭିଜ୍ଞତା ରହିଛି । ଟିପିଡବ୍ଲ୍ୟୁଓଡିଏଲରେ ଯୋଗଦେବା ପୂର୍ବରୁ ସେ ୨୦୨୦ରୁ ୨୦୨୩ ମସିହା ପର୍ଯ୍ୟନ୍ତ ଟିପି କେନ୍ଦ୍ରୀୟ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍)ର ବ୍ୟବସାୟ ବିଭାଗ ମୁଖ୍ୟ ଭାବେ କାର୍ଯ୍ୟରତ ଥିଲେ । ସ୍ୱଳ୍ପସମୟ ପାଇଁ ଟିପି ଉତ୍ତରାଞ୍ଚଳ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍)ରେ ମଧ ଉପରୋକ୍ତ ପଦରେ କାର୍ଯ୍ୟ କରିଥିଲେ । ଶ୍ରୀ ବର୍ମା ଗତ ୨୦୦୪ ମସିହାରୁ ଟାଟା ପାୱାର୍ ଗ୍ରୁପ୍ ସହିତ ଜଡ଼ିତ ଅଛନ୍ତି ।



Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra